### ବିଜୁଳି ଆଘାତରେ ନାବାଳକ ଗୁରୁତର

କୁଆଁରମୁଣ୍ଡା,(ଡି.ଏନ.ଏ.): ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ରାଉରକେଲା-ବୀରମିତ୍ରପୁର ଟ୍ରେନ ଲାଇନ୍ ଉଚ୍ଚ କ୍ଷମତା ସମ୍ପନ୍ନ ବିଜୁଳି ଆଘାତରେ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେ କୁମଝରିଆ ପଞ୍ଚାୟତର ନୂଆଟୋଲିର ସିଲବାଷ୍ଟର ବେକଙ୍କ ପୁଅ ଅନୁଗ୍ରହ ବେକ(୧୩)। ତାଙ୍କୁ ପରିବାର ଲୋକେ ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ନେଇଛନ୍ତି। ଅନୁଗ୍ରହ ନିକଟସ୍ଥ ଜଙ୍ଗଲକୁ କୌଣସି କାମରେ ଯାଇଥିଲେ। ହେଲେ ଏହି ସମୟରେ ରେଳ ଲାଇନ୍ ପାର୍ଶ୍ୱସ୍ଥ ବିଜୁଳି ପରିବାହୀ ପାର୍ଶ୍ୱରେ ଥିବା ଏକ ଡିମିରି ଗଛକୁ ସେ ଛୁଇଁ ଦେବାରୁ ତାଙ୍କୁ ଜୋର୍‌ରେ ବିଦ୍ୟୁତ ଆଘାତ ଦେଇଥିଲା।

## ସଂକ୍ଷେପରେ

### ସମିତି ସଭ୍ୟ ଉପନିର୍ବାଚନ: ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ



ରାଜଗାଙ୍ଗପୁର, ୨୫।୨ (ଡି.ଏନ୍.ଏ.): ରାଜଗାଙ୍ଗପୁର ବ୍ଲକରେ ୨ଟି ପଞ୍ଚାୟତରେ ସମିତି ସଭ୍ୟ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। କୁକୁଡାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟା ପୁଷ୍ପିକା ଏକ୍କା ୭୮୯ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଠାରୁ ୧୪୧ଟି ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ। ଏହି ପଞ୍ଚାୟତରେ ୪୦ଟି ଭୋଟ ନାକଚ ହୋଇଥିଲା । ସେହିପରି ବୁଟୁକୁପଡା ପଞ୍ଚାୟତ ସମିତି ସଭ୍ୟ ପାଇଁ ବସନ୍ତ ଲାକଡା ୧୨୨୬ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଠାରୁ ମାତ୍ର ୩୨ଟି ଭୋଟ ଅଧିକା ପାଇ ବିଜୟୀ ହୋଇଥିଲେ। ଏହି ପଞ୍ଚାୟତରେ ୧୪୨ ଖଣ୍ଡ ଭୋଟ ନାକଚ ହୋଇଥିଲା । ଫଳାଫଳ ଘୋଷଣା ପରେ ପଞ୍ଚାୟତ ଅଫିସରେ ଶୁଭେଚ୍ଛା ଜଣାଇବା ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଷାନ, ପୂର୍ବତନ ପୌରାଧକ୍ଷା ସୁଶ୍ରୀତା ପାଇକରାୟ, ବିଜେଡି ବ୍ଲକ ସଭାପତି ରାମଚନ୍ଦ୍ର କୁଜୁର, ବସନ୍ତ ଟପ୍ପୋ, ଜିତୁ ଦାସ, ନନ୍ନେ ସାହାବୁଦ୍ଦିନଙ୍କ ସହ ଶତାଧିକ ବିଜେଡି ପ୍ରେମୀ ଉପସ୍ଥିତ ରହିଥିଲେ।

### ଶସ୍ୟକଳା ସରପଞ୍ଚ ଉପନିର୍ବାଚନ: ଶୁଶିଳା ଟପ୍ପୋ ବିଜୟୀ



ଲହୁଣୀପଡା, ୨୫।୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶସ୍ୟକଳା ପଞ୍ଚାୟତରେ ଅନୁଷ୍ଠିତ ସରପଞ୍ଚ ଉପନିର୍ବାଚନର ଫଳାଫଳ ଗୁରୁବାର ଘୋଷିତ ହୋଇଛି। ଚାରି ଜଣ ପ୍ରାର୍ଥୀଙ୍କୁ ପଛରେ ପକାଇ ଶୁଶିଳା ଟପ୍ପୋ ବିଜୟୀ ହୋଇଛନ୍ତି। ଶସ୍ୟକଳା ପଞ୍ଚାୟତର ସରପଞ୍ଚ ପ୍ରିୟା କଚ୍ଛପଙ୍କର ଗତ ଅଗଷ୍ଟରେ ଅକାଳ ବିୟୋଗ ଘଟିବାରୁ ଏହି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଶିଳା ଟପୋ ୧୦୬୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦି ଆନ୍ଥୋନି ଟପ୍ପଙ୍କ ଠାରୁ ୨୩୦ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ଘୋଷିତ ହୋଇଛନ୍ତି। ବିଜୟ ଘୋଷଣା ହେବା ପରେ ଶୁଶିଳା ଟପ୍ପୋଙ୍କ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

# ଧାନର ଅଭାବୀ ବିକ୍ରିକୁ ନେଇ ରାସ୍ତାରୋକୋ

ଲହୁଣୀପଡା, ୨୫।୨ (ଡି.ଏନ୍.ଏ.)

- ଧାନର ଅଭାବୀ ବିକ୍ରିକୁ ବିରୋଧ
- ରାସ୍ତା ଅବରୋଧ ସହ ଲ୍ୟାମ୍ପ୍ସରେ ତାଲା ପକାଇଲେ

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ୧୦ (କ) ରାଜ୍ୟ ରାଜପଥର ଖୁଣ୍ଟୁଗାଁଠାରେ ଗୁରୁବାର ଚାଷୀମାନେ ଧାନର ଅଭାବୀ ବିକ୍ରିକୁ ବିରୋଧ କରି ରାସ୍ତା ଅବରୋଧ କରିଥିଲେ। ବଣାଇ ଉପଖଣ୍ଡରେ ବିଭିନ୍ନ ଲ୍ୟାମ୍ପ୍ସଠାରୁ ଖୁଣ୍ଟୁଗାଁ ଲ୍ୟାମ୍ପ୍ସରେ ଧାନ ବିକ୍ରି ପାଇଁ ଅଧିକ ଅନିୟମିତତା ଦର୍ଶାଇ ଚାଷୀମାନେ ପର୍ଯ୍ୟାୟକ୍ରମେ ଧାରଣା ଦେବା ସହ ତାଲା ପକାଇଥିଲେ। ଧାନ ବିକ୍ରିରେ ଅନିୟମିତତା ପ୍ରତିବାଦରେ ସେ ଅଞ୍ଚଳର ଚାଷୀମାନେ ଗୁରୁବାର ରାସ୍ତାରୋକୋ କରିଛନ୍ତି। ସିପିଆଇଏମ୍ ଖୁଣ୍ଟୁଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମିର ନାଏକ, ମନୋଜ ବେହେରାଙ୍କ ନେତୃତ୍ୱରେ ରାସ୍ତା ଉପରେ ଧାନ ବସ୍ତା ରଖି ଦରି ପକାଇ ବସି ପ୍ରତିବାଦ କରିଥିଲେ। ଏହା ସହିତ ଲ୍ୟାମ୍ପ୍ସରେ ତାଲା ପକାଇ ଅଚଳ କରି ଦେଇଥିବା ଜଣାପଡ଼ିଛି। ରାସ୍ତା ଅବରୋଧ ଫଳରେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡି ଛିଡା ହୋଇ ରହିଥିଲା। ଅପରାହ୍ନ ୫ଟାରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନାକରି କହିଲେ, ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବ୍ଲକ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା କରି ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ କରାଯିବ। ଏଣୁ ଏହି ରାସ୍ତା ଅବରୋଧକୁ ସ୍ଥଗିତ କରି ଦିଆଯାଉ ବୋଲି କହିବାରୁ ଚାଷୀମାନେ ଧାରଣାକୁ ବନ୍ଦ କରିବା ସହିତ ଲ୍ୟାମ୍ପ୍ସରୁ ତାଲା ଖୋଲି ଦେଇଥିବା ଜଣାଯାଇଛି।



ଧାନର ଅଭାବୀ ବିକ୍ରିକୁ ବିରୋଧ କରି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

## ଦେବଗଡ଼ରେ ଚାଷୀଙ୍କ ଆତ୍ମହତ୍ୟା ଚେତାବନୀ

ଦେବଗଡ଼,୨୫।୨(ଡି.ଏନ.ଏ)

**ଟୋକନ ପାଇବାର ୨୨ଦିନ ପରେ ବି କିଣାଯାଇନାହିଁ ଧାନ**

ଟୋକନ ପାଇବାର ୨୨ଦିନ ବିତିଯାଇଥିଲେ ମଧ୍ୟ ଟାର୍ଗେଟ ନ ଥିବା ଦର୍ଶାଇ ସେବା ସମବାୟ ସମିତି କର୍ତ୍ତୃପକ୍ଷ ଧାନ କ୍ରୟ କରୁନାହାନ୍ତି। ଫଳରେ ଧାନବିକ୍ରୀ କରି ନ ପାରି ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ସେବା ସମବାୟ ସମିତି ଅଧିନସ୍ଥ ଚନ୍ଦନଖୁଣ୍ଟି ଗ୍ରାମର ରାଜକିଶୋର ସାହୁ ନାମକ ଜଣେ ଚାଷୀ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ରାଜ କିଶୋର ବୁଧବାର ଏ ସମ୍ପର୍କରେ କଣ୍ଢେଇ ସେବା ସମବାୟ ସମିତିର ସମ୍ପାଦକଙ୍କୁ ଲିଖିତ ଭାବେ ଏଭଳି ଆତ୍ମହତ୍ୟା ଚେତାବନୀ ଦେବା ସହ ଏହାର ନକଲ ଜିଲା ଯୋଗାଣ ଅଧିକାରୀ, ଏଆର୍‌ସିଏସ୍, ଆରଏମ୍‌ସିର ସମ୍ପାଦକ, ଦେବଗଡ ଜିଲାପାଳ ଓ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହାର ଏକ ନକଲ ଦେବଗଡ ଆଦର୍ଶ ଥାନାରେ ମଧ୍ୟ ଦେଇଥିବା ସୂଚନା ମିଳିଛି । ଚାଷୀ ରାଜକିଶୋରଙ୍କ ଅଭିଯୋଗ ଅନୁଯାୟୀ, ସେ ଗତ ଖରିଫ ଋତୁରେ ୩ଏକର ୧୬ ଡିସିମିଲ ଜମିରେ ଧାନ ଚାଷ କରିଥିଲେ। ଧାନ ଅମଳ କରିବା ପରେ ସେ ବିକ୍ରି ନିମନ୍ତେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅନଲାଇନରେ ଆବେଦନ କରିଥିଲେ। ଫଳରେ ଗତ ୨ ତାରିଖରେ ଧାନ ବିକ୍ରି ନିମନ୍ତେ ତାଙ୍କ ନିକଟକୁ ଟୋକନ ଆସିଥିଲା। ମାତ୍ର ଟାର୍ଗେଟ ନ ଥିବା ଦର୍ଶାଇ ସେବା ସମବାୟ ସମିତି କର୍ତ୍ତୃପକ୍ଷ ଧାନ କ୍ରୟ କରିବାକୁ ମନା କରିଥିଲେ। ୨୨ଦିନ ପରେ ବି ଧାନ କିଣାଯାଇ ନ ଥିଲା।

## ବିବାହ ନିମନ୍ତ୍ରଣପତ୍ରରେ ବରକନ୍ୟା ସାବାଳକ ଉଲ୍ଲେଖ ରହୁ



ବେଟୀ ବଚାଓ, ବେଟୀ ପଢାଓ' ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅତିଥି।

ଦେବଗଡ଼, ୨୫।୨(ଡି.ଏନ.ଏ)

**'ବେଟୀ ବଚାଓ, ବେଟୀ ପଢାଓ' ସଚେତନତା କାର୍ଯ୍ୟକ୍ରମ**

ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ଟୁନୁ ମେହେରଙ୍କ ଅଧ୍ୟକ୍ଷତାରେ ଗୁରୁବାର 'ବେଟୀ ବଚାଓ, ବେଟୀ ପଢାଓ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ତଥା ବାଲ୍ୟବିବାହ ନିଷେଧ ଅଧିକାରିଣୀ ପ୍ରବୀଣା ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ସରକାରୀ ଅଧିକାରୀ, ସରପଞ୍ଚ, ଚାଇଲ୍ଡଲାଇନ ସଦସ୍ୟ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ 'ବେଟୀ ବଚାଓ, ବେଟୀ ପଢାଓ' ଅଭିଯାନ ଓ ବାଲ୍ୟ ବିବାହ ନିଷେଧ ଅଧିନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ କୁମୁଦ ଚନ୍ଦ୍ର ଶତପଥି ଓ 'ୱାର୍ଡ' ଅନୁଷ୍ଠାନର ରଞ୍ଜନ ପୁହାଣ ଯୋଗଦେଇ ଆଗାମୀ ଦିନରେ ବାରକୋଟ ବ୍ଲକକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ବ୍ଲକ ଭାବେ ଗଢି ତୋଳିବାକୁ ଗୋଷ୍ଠୀ ଭିତ୍ତିକ ଯୋଜନା ପ୍ରସ୍ତୁତି ପାଇଁ ତାଲିମ ପ୍ରଦାନ କରିଥିଲେ। କଣ୍ଢେଇ ସରପଞ୍ଚ ବିରଞ୍ଚି ବେହେରା ଓ ବସାଲଇ ସରପଞ୍ଚ ଦିଲ୍ଲୀପ ପଟ୍ଟନାୟକଙ୍କ ମତାମତ କ୍ରମେ ବିବାହ ନିମନ୍ତ୍ରଣପତ୍ରରେ ବରପାତ୍ର ଓ କନ୍ୟା ସାବାଳକ ବୋଲି ଘୋଷଣା କରିବାକୁ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବାରକୋଟ ବିଡିଓ ମେହେର ତାଙ୍କ ବକ୍ତବ୍ୟରେ ବାରକୋଟ ବ୍ଲକରେ ବିବାହ ପୂର୍ବରୁ ପୁରୋହିତ ଏବଂ ମନ୍ଦିର କମିଟି ବର ଓ କନ୍ୟାର ଜନ୍ମ ପ୍ରମାଣପତ୍ର ଦେଖି ବିବାହ ସମ୍ପନ୍ନ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଶେଷରେ ଭାରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ତାରିଣୀ ଫର୍ଟିଲାଇଜର ଟିମ ଚାମ୍ପିୟନ

**ବିରକେରାରେ କ୍ରିକେଟ ଟୁର୍ନାମେଣ୍ଟ**

ବେଦବ୍ୟାସ, ୨୫।୨ (ଡି.ଏନ.ଏ)

ନିଉ ଟାଇଗର କ୍ଲବ ଖଇରବନ୍ଧ ତରଫରୁ ବିରକେରା ମିନି ଷ୍ଟାଡିୟମଠାରେ କ୍ରିକେଟ ନକ୍‌ଆଉଟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା । ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ମା' ତାରିଣୀ ଫର୍ଟିଲାଇଜର ଟିମ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ମହେଶ ଜିଲା ପରିଷଦ ଲାଠିକଟା (ଖ) ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିରକେରା ସଂଯୁକ୍ତା ବିନ୍ଦୁ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟରେ ପ୍ରଥମ ସ୍ଥାନ ମା' ତାରିଣୀ ଫର୍ଟିଲାଇଜର ଟିମ ଅଧିକାର କରିଥିଲେ। ଦ୍ୱିତୀୟ ସ୍ଥାନ ଟାଇଁସର ଟିମ ହୋଇଥିଲା । ପ୍ରଥମ ପୁରସ୍କାର ୧୦ ହଜାର ଏବଂ ଦ୍ୱିତୀୟ ପୁରସ୍କାର ୭ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ୨ ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ନିଉ ଟାଇଗର କ୍ଲବ ପରିଚାଳନା କମିଟି ତରଫରୁ ସଭାପତି ଜୟଦେବ ନାଗ, ସମ୍ପାଦକ ରାହୁଲ ଏକ୍କା ଏବଂ ଅନ୍ୟମାନଙ୍କ ମଧ୍ୟରେ ଭାନୁ କୁମ୍ଭାର, ଜଗରନାଥ ନାଗ, ରବିନ ଏକ୍କା, ବାବଲୁ ଏକ୍କା, ମାନିଷ ଖେସ, ରାଜୀବ ସେଠୀ, ସାମିର ଟପ୍ପୋ, ଅଶୋକ ଟପ୍ପୋ, ମନୋଜ ମିଞ୍ଜ ଏବଂ ରଜତ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ଟିକୁ ପରିଚାଳନା କରିଥିଲେ।

## ପୂର୍ବତନ ସୈନିକ ସଂଘ ତରଫରୁ ଜୁଏଲଙ୍କୁ ସମ୍ବର୍ଦ୍ଧନା



ଜୁଏଲ ଓରାମଙ୍କ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତା।

ରାଉରକେଲା ଅଫିସ,୨୫।୨

ସ୍ମାର୍ଟ ସିଟି ରାଉରକେଲାରେ କେନ୍ଦ୍ର ସରକାରଙ୍କର ଆଉ ଏକ କଲ୍ୟାଣକାରୀ ଯୋଜନା ସାମିଲ ହେବାକୁ ଯାଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ରାଉରକେଲାରେ ଏକ ମିଲିଟାରୀ କ୍ୟାଣ୍ଟିନର ସ୍ୱୀକୃତି ପ୍ରାପ୍ତ ହୋଇଛି। ଏହା ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଯୋଜନା ଅଛି। ଏଥିପାଇଁ ରାଉରକେଲା ପୂର୍ବତନ ସୈନିକ ସଂଘ ତରଫରୁ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ରାଉରକେଲା ସମେତ ରାଜଗାଙ୍ଗପୁର, ବୀରମିତ୍ରପୁର, ବଣାଇ ଆଦି ସ୍ଥାନରେ ବସବାସ କରୁଥିବା ପ୍ରାୟ ୪୦୦ ପୂର୍ବତନ ସୈନିକ ଯୋଗଦେଇ ଜୁଏଲଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ୫ 'ବୀର ନାରୀ' ମଧ୍ୟ ଉପସ୍ଥିତ ଥିଲେ। ଶୌର୍ଯ୍ୟ ଚକ୍ର ସମ୍ମାନିତ ସୁବେଦାର ପ୍ରଦୀପ ବେକଙ୍କୁ ମଧ୍ୟ ଏହି ସମାରୋହରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ମେଜର ଡା. ଅକ୍ଷୟ ସାମଲ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ସଂଘର ସାଧାରଣ ସମ୍ପାଦକ ସୁବେଦାର ଧନେଶର ଦାସ ଅତିଥି ପରିଚୟ କରାଇଥିଲେ। ମୁଖ୍ୟ ଅତିଥି ଜୁଏଲ ଓରାମଙ୍କ ସହିତ ନିହାର ରାୟ, ଜଗବନ୍ଧୁ ବେହେରା ଓ ଧୀରେନ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ଡା. ସାମଲ ରାଉରକେଲାରେ ମିଲିଟାରୀ କ୍ୟାଣ୍ଟିନର ସ୍ୱୀକୃତି ପାଇଁ ରାଉରକେଲା ପୂର୍ବତନ ସୈନିକ ସଂଘ ତରଫରୁ ଜୁଏଲ ଓରାମଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଓ ୯ମ ଓଡିଶା ଏନସିସି ବାଟାଲିୟନର କମାଣ୍ଡିଙ୍ଗ ଅଫିସରଙ୍କୁ ଆନୁସଙ୍ଗିକ ସୁବିଧା ଯୋଗାଇ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହର ସୁପରିଚାଳନାରେ ସବ ଲେଫ୍ଟନାଣ୍ଟ ସଞ୍ଜୟ କୁମାର ଗୁପ୍ତା, ସୁବେଦାର ନିର୍ମଳ ଦାସ, ହାବିଲଦାର ଚକ୍ରାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।




ପେଟ୍ରୋଲ, ଡ଼ିଜେଲ ଦର ବୃଦ୍ଧି ପ୍ରତିବାଦରେ ରାଉରକେଲା ଆମ୍ବାଗାନଠାରେ ସିପିଆଇଏମ୍ ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଉଛି।

## ସାମୂହିକ ଔଷଧ ସେବନ ଉପରେ ଗୁରୁତ୍ୱାରୋପ

କୁଆଁରମୁଣ୍ଡା,୨୫।୨(ଡି.ଏନ.ଏ.)

ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ନିକଟସ୍ଥ ବାଳିକା ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଆରମ୍ଭ କରାଯାଇଛି। ଫାଇଲେରିଆ ନିରାକରଣ ନିମନ୍ତେ ଫେବୃୟାରୀ ୨୫ ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ କୁଆଁରମୁଣ୍ଡା ବ୍ଲକର ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ନିଜ ଉପସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଫାଇଲେରିଆ ପ୍ରତିଷେଧକ ବଟିକା ଖାଇବାକୁ ଦେବେ ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଧିକ୍ଷକ ଡା.ପଟ୍ଟନାୟକଙ୍କ ସମେତ ଉପସ୍ଥିତ କୁଆଁରମୁଣ୍ଡା ଏବିଇଓ ମୋହନ କୁମାର, ବ୍ଲକ ହିସାବ ରକ୍ଷକ କୁଲୁ ବାବୁ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଗିରି, ଡା.ଆଶୁତୋଷ ମିଶ୍ର, କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ସମିତି ସଭ୍ୟ ରାଜେଶ ହାଁସଦା ପ୍ରମୁଖ ଉପସ୍ଥିତ ରହି ନିଜେ ଔଷଧ ସେବନ କରିବା ସହ ଅନ୍ୟମାନଙ୍କୁ ଔଷଧ ସେବନ ନିମନ୍ତେ ଉତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ଶିବାନୀ ନାଏକ, ମ୍ୟାଲେରିଆ ଚିକିତ୍ସା ସୁପରଭାଇଜର ମାନସ ରଞ୍ଜନ ନାଏକ, ପିଏଚ୍‌ଇଓ ଦୁଃଖୁ କିଷାନ, ପିଏମଡବ୍ଲ୍ୟୁ ଦେବାଶିଷ ସାହୁ, ଫାର୍ମାସିଷ୍ଟ ଉମାକାନ୍ତ ପତି ପ୍ରମୁଖ ଉପସ୍ଥିତ ରହିଥିଲେ।




କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୨୧ ଲକ୍ଷ ଲୋକଙ୍କୁ ଔଷଧ ଦେବାକୁ ଲକ୍ଷ୍ୟ

ସୁନ୍ଦରଗଡ଼, ୨୫।୨ (ଡି.ଏନ୍.ଏ)

**ଫାଇଲେରିଆ ନିରାକରଣ**

- ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଫାଇଲେରିଆ ବା ବାତଜ୍ୱର ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଯୋଡ଼ି ହୋଇଛି। ଲେଫ୍ରିପଡ଼ା ବ୍ଲକର ସୁରୁଗୁଡ଼ାସ୍ଥିତ ସିଜିପି ଉଚ୍ଚ ବିଦ୍ୟାଳୟଠାରେ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗୁରୁବାର ଜିଲାପାଳ ନିଖିଲ ପବନ କଲ୍ୟାଣ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଜିଲାପାଳ କହିଥିଲେ ଯେ, ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜିଲାବ୍ୟାପି ମାର୍ଚ୍ଚ ୬ ତାରିଖ ଯାଏଁ ଚାଲିବ। ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ସ୍ୱେଚ୍ଛାସେବୀମାନେ ଘରଘର ବୁଲି ଡିଇସି ଏବଂ କୃମିନାଶକ ଆଲବୋଣ୍ଡାଜୋଲ୍ ବଟିକା ଖାଇବାକୁ ଦେବେ। ସରକାରଙ୍କ ପକ୍ଷରୁ ଏହି ବଟିକା ମାଗଣାରେ ଦିଆଯାଉଛି। ଗର୍ଭବତୀ, ୨ ବର୍ଷରୁ କମ୍ ଶିଶୁ ଓ ଦୀର୍ଘ ଦିନ ଧରି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି। ଜିଲାରେ ୨୧ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ଔଷଧ ସେବନ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାବାସୀଙ୍କ ସହଯୋଗରେ ସୁନ୍ଦରଗଡ଼କୁ ଫାଇଲେରିଆମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଜିପି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦିତ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଡାକ୍ତର ମନୋଜ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଫ୍ରିପଡ଼ା ବିଡ଼ିଓ ରମେଶ ହାଁସଦା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ଭକ୍ତ ମୋହନ ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ଡାକ୍ତର ସୁରେନ୍ଦ୍ର କୁମାର ସାହୁ, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଜଗଦୀଶ ଦେହୁରୀ, ସିଡିପିଓ କିରଣବାଳା ଷଡ଼ଙ୍ଗୀ, ଏମଡିଏର ଜିଲା ସଂଯୋଜ ବିପିନ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ଶର୍ମା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟବ୍ରତ ଦାସ, ଡାକ୍ତର ଭୀଷ୍ମଦେବ ଭୋଇ, ଭିବିଡିଟିଏସ୍ ଘନଶ୍ୟାମ ପଟେଲ, କନିଷ୍ଠ କୀଟତତ୍ତ୍ୱବିତ ମୁରୁଦା ନାଏକ, ଡାକ୍ତର ନରେନ୍ଦ୍ର ପଟେଲ, ବ୍ଲକ ଡାଟା ମ୍ୟାନେଜର ମୀନତି ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଜିଲାପାଳ ଓ ଅନ୍ୟମାନେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବ୍ରଜରାଜନଗର,(ଡି.ଏନ.ଏ.): ରାମପୁର ଫାଣ୍ଡି ଅନ୍ତର୍ଗତ ଅଇଁଲାପାଲି ଗ୍ରାମର ରମେଶ ମୁଣ୍ଡା (୩୯) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରମେଶ ବସୁନ୍ଧରା ମାଇନ୍ସରେ କାର୍ଯ୍ୟରତ ଥିଲେ। ବୁଧବାର ସନ୍ଧ୍ୟାରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ସଦସ୍ୟ ତାଙ୍କୁ ମେଡିକାଲ ନେଇଥିଲେ। ମେଡିକାଲରୁ ଫେରି ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି କାରଣରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରାମପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିର୍ଦ୍ଦେଶ ବାତିଲ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ସମ୍ବଲପୁର,୨୫।୨ (ବ୍ୟୁରୋ)

ସମ୍ବଲପୁର ରେଳ ଡିଭିଜନ ଅଧୀନରେ ଥିବା ଅନୁଗୋଳ ଜିଲାର କେରେଜାଙ୍ଗ ଷ୍ଟେଶନ ଖୋର୍ଦ୍ଧା ଡିଭିଜନକୁ ଚାଲିଯାଇଛି। ଏହାକୁ ନେଇ ଖବର ପ୍ରକାଶ ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ରେଳ ଉପଭୋକ୍ତା ସଂଘ ସମ୍ବଲପୁର ଡିଆର୍‌ଏମ୍ ପ୍ରଦୀପ କୁମାରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଫେବୃୟାରୀ ୧୫ରେ ସମ୍ବଲପୁର ଡିଭିଜନରୁ କେରେଜାଙ୍ଗ ଷ୍ଟେଶନକୁ ଖୋର୍ଦ୍ଧା ଡିଭିଜନରେ ସାମିଲ କରାଯାଇଛି। ସମ୍ବଲପୁର ଡିଭିଜନର ଏହା ଏକ ପ୍ରମୁଖ ଷ୍ଟେଶନ ଥିଲା। ଡିଭିଜନରେ ବାର୍ଷିକ ୧ହଜାର କୋଟି ଟଙ୍କା ଆୟ ହେଉଥିବାବେଳେ ସେଥିରୁ କେରେଜାଙ୍ଗ ଷ୍ଟେଶନର ଭାଗ ୨୫୦ କୋଟି ଥିଲା। ଏହି ଷ୍ଟେଶନ ଚାଲିଯିବା ଫଳରେ ସମ୍ବଲପୁର ଡିଭିଜନର ଆୟ କମିବ। ଜିନ୍ଦଲ ପାୱାର ଆଣ୍ଡ ଷ୍ଟିଲ୍ ଓ ଅନ୍ୟ କମ୍ପାନୀ ମାଲ ପରିବହନ ପାଇଁ ଏହି ଷ୍ଟେଶନକୁ ବ୍ୟବହାର କରୁଥିଲେ। ସମ୍ବଲପୁର ଡିଭିଜନ କାର୍ଯ୍ୟାଳୟରୁ ଏହି ଷ୍ଟେଶନ ୧୩୦ କି.ମି. ରହିଛି। ଅନ୍ୟପଟେ ଖୋର୍ଦ୍ଧାରୁ ଏହା ପ୍ରାୟ ୨୦୦ କି.ମି. ହେବ। ଏହାସତ୍ତ୍ୱେ ଷ୍ଟେଶନକୁ ବାଦ୍ ଦିଆଯିବା ନେଇ କେବଳ ସମ୍ବଲପୁର ନୁହେଁ, ସମଗ୍ର ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ଦେଖାଦେଇଛି। ଏହି ନିର୍ଦ୍ଦେଶକୁ ବାତିଲ କରାଯିବା ସହ ରାଉରକେଲା ଷ୍ଟେଶନ ପର୍ଯ୍ୟନ୍ତ ସମ୍ବଲପୁର ଡିଭିଜନର ପରିସୀମା ବୃଦ୍ଧି କରାଯାଉ ବୋଲି ଦାବି କରିଥିଲେ। ସଂଘ ସଭାପତି ସୁବାସ ପାଣିଗ୍ରାହୀ, ଜିତେନ୍ଦ୍ର ରାୟଗୁରୁ, ଯୁଗଳ ଚରଣ ପଣ୍ଡା, ଫଣିନ୍ଦ୍ର ପ୍ରଧାନ, ସୁବ୍ରତ ମହାନ୍ତି ପ୍ରମୁଖ ଡିଆର୍‌ଏମ୍‌ଙ୍କୁ ଭେଟିଥିଲେ।


ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସଂଘ କର୍ମକର୍ତ୍ତା।

**ସମ୍ବଲପୁର ଡିଭିଜନରୁ କେରେଜାଙ୍ଗ ଷ୍ଟେଶନ ଯିବା ଘଟଣା**
- ଡିଆର୍‌ଏମ୍‌ଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

## ସଂକ୍ଷେପରେ

### କୀଟନାଶକ ଗନ୍ଧ ପ୍ରଭାବରେ ବୃଦ୍ଧଙ୍କ ମୃତ୍ୟୁ

ବ୍ରଜରାଜନଗର, ୨୫।୨ (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ପଡାର ବୃଦ୍ଧ ବଂଶୀଲାଲ (୮୫)ଙ୍କର କୀଟନାଶକ ଗନ୍ଧ ପ୍ରଭାବରେ ମୃତ୍ୟୁ ଘଟିଛି। ବଂଶୀଲାଲ ବୁଧବାର ଘରପାଖ କ୍ଷେତରେ କୀଟନାଶକ ପକାଉଥିଲେ। ଏହାର ଗନ୍ଧରେ ମୁଣ୍ଡ ବୁଲାଇ ସେ କ୍ଷେତରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ମଣ୍ଡଳିଆ ଓ ପରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### ମାର୍ଚ୍ଚ ୮ରେ ଆର୍‌ସିସିଏଫ୍ ଅଫିସ ସମ୍ମୁଖରେ ଧାରଣା

ସମ୍ବଲପୁର,୨୫।୨(ବ୍ୟୁରୋ): ସମ୍ବଲପୁର ସର୍କଲ ମୁଖ୍ୟ ବନସଂରକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ମାର୍ଚ୍ଚ ୮ ତାରିଖରେ ଧାରଣା ଦିଆଯିବ ବୋଲି କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ଉପସଭାପତି ଗୋକୁଳ ମେହେର, ଭକ୍ତବନ୍ଧୁ ମାଝି, ରମେଶ ମାହାର, ନରେନ୍ ମହାପାତ୍ର, ଗଜପତି ପ୍ରଧାନ, ବୃନ୍ଦାବନ ମଟାରି, ଅନାଦି ମିର୍ଦ୍ଧା, ପ୍ରଶାନ୍ତ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର କେନ୍ଦୁପତ୍ର ଓ ବିଡ଼ି ଉପରେ ଲଗାଇଥିବା ଜିଏସ୍‌ଟିକୁ ବୈଠକରେ ନିନ୍ଦା କରାଯାଇଥିଲା। ଏବେ ବିଡ଼ି କମ୍ପାନୀ ବନ୍ଦ ହୋଇ ଯାଇଥିବାରୁ ଏହାର ପ୍ରଭାବ ବିଡ଼ି କାରିଗର, ଶ୍ରମିକ ଓ କର୍ମଚାରୀଙ୍କ ଉପରେ ପଡ଼ିଛି। ମନ୍ତ୍ରୀସ୍ତରୀୟ ବୈଠକରେ ସିଜନାଲ କର୍ମଚାରୀଙ୍କ ମଜୁରି ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବନ୍ଧେଇ ଶ୍ରମିକଙ୍କ ମଜୁରି ବୃଦ୍ଧି, ବକେୟା ଦରମା, ୱାଚରମାନଙ୍କୁ ପୂର୍ବଭଳି ମଜୁରି ଦେବାକୁ ଦାବି କରାଯାଇଥିଲେ ମଧ ତାହା ପୂରଣ ହୋଇ ନାହିଁ। ଏହାର ପ୍ରତିବାଦରେ ଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

### ସ୍ୱଦେଶୀ ଜାଗରଣ ମଞ୍ଚର ବୁଦ୍ଧିଜୀବୀ ସମାବେଶ

ସମ୍ବଲପୁର, ୨୫।୨ (ବ୍ୟୁରୋ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ ସୋମବାର ରାତିରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସଂଗଠକ କାଶ୍ମିରୀ ଲାଲ ମୁଖ୍ୟଅତିଥି ଓ ଓଡିଶା ପ୍ରଦେଶ ସଂଗଠକ ଅନ୍ନଦା ପ୍ରସାଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

# ସୂତାକଳ ଖୋଲିବା ନେଇ ଆଲୋଚନା

ସୁନ୍ଦରଗଡ଼, ୨୫।୨ (ଡି.ଏନ୍.ଏ)

କିରେଇସ୍ଥିତ ଅଶୋକା ସୂତାକଳକୁ ପୁନଃ କାର୍ଯ୍ୟକ୍ଷମ ଓ ଶ୍ରମିକଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କରେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଶୋକା ସିନ୍ଥେଟିକ୍ସ ମଲଟିୟାର୍ଣ୍ଣ (ସୂତାକଳ)ର ପୁରାତନ ମାଲିକ ପବନ ପଟୋଦିଆ, ରାଉରକେଲା ମୁଖ୍ୟ ଭବିଷ୍ୟନିଧି ଆୟୁକ୍ତ, ସହକାରୀ ଶ୍ରମ ଆୟୁକ୍ତ, ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ଓ ସୂତାକଳ ମଜଦୁର ସଂଘର ୧୧ଜଣ ସଦସ୍ୟ ଯୋଗଦେଇଥିଲେ। ଜିଲାପାଳ ପୂର୍ବତନ ମାଲିକଙ୍କୁ କାରଖାନାର ସ୍ଥିତି ସମ୍ପର୍କରେ ପଚାରି ସମସ୍ୟାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଲିକ୍ୟୁଡେଟର ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଭିନ୍ନ କାରଣ ଦର୍ଶାଇ ଏ ବୈଠକରେ ଅନୁପସ୍ଥିତ ରହିଥିଲେ। ଆଲୋଚନା ମାଧ୍ୟମରେ ପୁରାତନ ମାଲିକ ବନ୍ଦ ଥିବା ସୂତାକଳକୁ ପୁନଃ ପ୍ରଚଳନ କରି ଶ୍ରମିକଙ୍କର ବକେୟା ଦରମା ଓ ଇପିଏଫ୍ ପ୍ରଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ। ଇପିଏଫ୍ କମିଶନ ବୈଠକରେ ଦେଇଥିବା ସୂଚନା ଅନୁସାରେ ବକେୟା ସୁଧ ଓ ପେନାଲିଟି ମିଶି ୬କୋଟି ଟଙ୍କା ପ୍ରାପ୍ୟ ମିଳିଲେ ଶ୍ରମିକଙ୍କୁ ଇପିଏଫ ପ୍ରଦାନ କରିବେ। ଶ୍ରମିକଙ୍କ ବକେୟା ଦରମା ଅସୁଲି ପାଇଁ ଶ୍ରମବିଭାଗ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସହକାରୀ ଶ୍ରମ କମିଶନ ସୂଚନା ଦେଇଥିଲେ। ମଜଦୁର ସଂଘର ସଭାପତି ଶ୍ୟାମସୁନ୍ଦର ମିଶ୍ର ଲିକ୍ୱିଡିସନ ପ୍ରୋସେସରେ ଶ୍ରମିକ ପ୍ରତିନିଧିଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ନ ଦେଇ ମନଇଚ୍ଛା ସୂତାକଳକୁ ଶାଗମାଛ ଦରରେ ବିକ୍ରୟକରି ଶ୍ରମିକଙ୍କ ପାଉଣା ନ ଦେଇ ସବୁ ମେସିନ୍ ଉଠାଇ ନେବାର ଚକ୍ରାନ୍ତ ଚାଲିଛି। ଏଣୁ ଶ୍ରମିକମାନଙ୍କର ସମସ୍ତ ବକେୟା ପାଉଣା, ଇପିଏଫ୍ ତଥା ଅନ୍ୟାନ ପ୍ରାପ୍ୟ ଦେଲାପରେ କାରଖାନାକୁ ଚଳାଇବାର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ଜିଲାପାଳ ଏଦିଗରେ ଦୃଢ ପଦକ୍ଷେପ ନେବେ ବୋଲି ଆଶାସ୍ୱନା ଦେବା ସହ ପୁଣି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଦିନଧାର୍ଯ୍ୟ କରାଯିବ ବୋଲି କହିଥିଲେ।

# ଉପନିର୍ବାଚନ ସମୟରେ ଗଣ୍ଡଗୋଳ

ସମ୍ବଲପୁର,୨୫।୨(ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ତାଲବ ପଞ୍ଚାୟତ ସରପଞ୍ଚ ପଦ ପାଇଁ ବୁଧବାର ଉପନିର୍ବାଚନ ହେଉଥିଲା। ଏହି ସମୟରେ ତାଲବ ଗ୍ରାମରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପକ୍ଷର ଅଭିଯୋଗ କ୍ରମେ ଶାସନ ଥାନାରେ କେସ୍ ନଂ.୪୨ ଓ ୪୩/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ନିର୍ବାଚନ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଅନ୍ୟ କାରଣରୁ ପାଟିତୁଣ୍ଡ ହୋଇଥିବା ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା କହିଛନ୍ତି। ଗ୍ରାମର ରଞ୍ଜନ ବେହେରାଙ୍କ ଅଭିଯୋଗ କ୍ରମେ ଗ୍ରାମର ବିକାଶ ପ୍ରଧାନ ଫୋନ କରି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ଜାତିଆଣ ଆକ୍ଷେପ କରି ଧମକଚମକ ଦେଇଥିଲେ। ଅନ୍ୟପଟେ ବିକାଶ ଅଭିଯୋଗ କରିଛନ୍ତି ଯେ, ରଞ୍ଜନ ପ୍ରାୟ ୧୦ଜଣ ଯୁବକଙ୍କୁ ନେଇ ଘରକୁ ଆସିଥିଲେ। ଘରୁ ବାହାରକୁ ଟାଣି ନେଇ ସଙ୍ଘବଦ୍ଧ ଭାବେ ମାରପିଟ କରିଥିଲେ। ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ନୋଟିସ୍ ଦେଇ ଛାଡିଦେଇଥିବା ଜଣାପଡିଛି।

- ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ
- ନିର୍ବାଚନ ସହ ସମ୍ପର୍କ ନାହିଁ- ଏଏସ୍‌ପି

## ସାରଦା ପ୍ରଧାନ ସରପଞ୍ଚ ନିର୍ବାଚିତ

ସମ୍ବଲପୁର ଜିଲା ଧନକଉଡା ବ୍ଲକ ତାଲବ ପଞ୍ଚାୟତ ଉପନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ସାରଦା ପ୍ରଧାନ ବିଜୟୀ ହୋଇଛନ୍ତି। ସାରଦା ୧୯୯୮ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଳାସିନୀ ଓରାମ ୧୧୮୫ ଭୋଟ ପାଇଥିଲେ। ବନିତା ପ୍ରଧାନ ୪୦୦ ଖଣ୍ଡ ପାଇ ତୃତୀୟ ସ୍ଥାନରେ ଥିବା ବିଡିଓ ବସନ୍ତ ହାତୀ ସୂଚନା ଦେଇଛନ୍ତି। ବୁଧବାର ମତଦାନ ହୋଇଥିବା ବେଳେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହୋଇଥିଲା। ବିଜୟୀ ଘୋଷଣା ହେବା ପରେ ସାରଦାଙ୍କ ସମର୍ଥକମାନେ ଶୋଭାଯାତ୍ରା କରି ଖୁସି ମନାଇଥିଲେ। ସୂଚନାଯୋଗ୍ୟ, ଏହି ପଞ୍ଚାୟତରେ ସରପଞ୍ଚ ଥିବା ମମତା ଭୁଏ ରୋଗରେ ପୀଡିତ ହୋଇ ୬ମାସ ପୂର୍ବରୁ ମୃତ୍ୟୁବରଣ କରିବା ପରେ ପ୍ରଶାସନ ପକ୍ଷରୁ ଉପନିର୍ବାଚନ କରିବା ପାଇଁ ସ୍ଥିର ହୋଇଥିଲା। ୧୫ ୱାର୍ଡରେ ୧୫ ବୁଥ୍ କରି ଭୋଟ ଗ୍ରହଣ କରାଯାଇଥିଲା। ମୋଟ ୬୦୯୪ ମତଦାତା ରହିଥିବାବେଳେ ୩୮୦୪ ଭୋଟରେ ମତ ସାବ୍ୟସ୍ତ କରିଥିଲେ।


ସାରଦା ପ୍ରଧାନ।

## ତାଲୁକ ଆଇନସେବା ସମିତିର ଟ୍ରାଫିକ୍ ସଚେତନତା

ରେଢାଖୋଲ,୨୫।୨(ଡି.ଏନ.ଏ.)

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଗୁରୁବାର ସହରରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ତଥା ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଆଇନଜୀବୀ ଉମାକାନ୍ତ ମହାନନ୍ଦ, ତୁଷାର କର, ଭବାନୀଶଙ୍କର ପଣ୍ଡା, ସରକାରୀ ଓକିଲ ଅନ୍ତର୍ଯାମୀ ସାହୁଙ୍କ ସମେତ କୋର୍ଟ କର୍ମଚାରୀମାନେ ଟ୍ରାଫିକ ନିୟମ ଉପରେ ପ୍ଲା କାର୍ଡ ଧରି ଭୀମଭୋଇ ଛକ ଓ କଲେଜ ଛକରେ ମୋଟର ଚାଳକମାନଙ୍କୁ ସଚେତନ କରିଥିଲେ। ଟ୍ରାଫିକ ସଚେତନତା ଅବସରରେ ପୋଲିସ ପକ୍ଷରୁ ହେଲ୍‌ମେଟ୍ ଯାଞ୍ଚ କରାଯାଇଥିଲା। ଟ୍ରାଫିକ ନିୟମ ପାଳନ ନ କରି ବିନା ହେଲ୍‌ମେଟ୍‌ରେ ବାଇକ୍ ଚଳାଉଥିବା ଚାଳକମାନଙ୍କଠାରୁ ପ୍ରାୟ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ,ଏସ୍‌ଆଇ ବୈଭବମାଳା ସ୍ୱାଇଁ ଓ ପୋଲିସ କର୍ମଚାରୀ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ସମାବେଶ


ସମାବେଶରେ ରାଉରକେଲା ଛାତ୍ର କଂଗ୍ରେସ କର୍ମକର୍ତ୍ତା।

ରାଉରକେଲା ଅଫିସ, ୨୫।୨

ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ରନେତା ତଥା ରାଉରକେଲା ମହାବିଦ୍ୟାଳୟର ପୂର୍ବତନ ସଭାପତି ସୁନୀଲ ନାଏକଙ୍କ ନେତୃତ୍ୱରେ ସମାବେଶ ଓ 'ନୌକରୀ ଦୋ ୟା ଡିଗ୍ରୀ ୱାପସ ଲୋ' କାର୍ଯ୍ୟକ୍ରମ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ର ନେତା ସୁନିଲ ନାଏକ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଛାତ୍ରମାନଙ୍କ ପ୍ରତି କରୁଥିବା ଅଣଦେଖା ନୀତି ବିରୁଦ୍ଧରେ ଗର୍ଜିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ କଲେଜ ଯଥା ରାଉରକେଲା ମହାବିଦ୍ୟାଳୟ, ରାଉରକେଲା କନିଷ୍ଠ ମହାବିଦ୍ୟାଳୟ, ଇସ୍ପାତ ମହାବିଦ୍ୟାଳୟ, ଇସ୍ପାତ କନିଷ୍ଠ ମହାବିଦ୍ୟାଳୟ, ଡିଏଭି ମହିଳା ମହାବିଦ୍ୟାଳୟ, ମୁନିସପାଲ ମହାବିଦ୍ୟାଳୟର ପ୍ରାୟ ୮୭ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ର ଯୋଗଦେଇ ବିକ୍ଷୋଭ କରିଥିଲେ। ଏହି ଅବସରରେ ଛାତ୍ର ନେତ୍ରୀ ନାଜିୟା ପରୱିନ ଓ ପିଣ୍ଟୁ ବର୍ମା ପ୍ରମୁଖ ସେମାନଙ୍କ ସାର୍ଟିଫିକେଟ ନକଲକୁ ଜାଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ରଘୁନାଥପାଲୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଓବିସି ଅଧକ୍ଷ କୈଳାସ ସାହୁ, ପିସିସି ମେମ୍ବର ରାମାନନ୍ଦ ଶ୍ରୀଚନ୍ଦନ, ସବୀର ହୁସେନଅନିଲ ଗୁରମ, ଦିଲ୍ଲୀପ ଲହରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ରାଜା ତନ୍ତୀ, ବିକାଶ ଲାଖୱା, ଅଭିଷେକ ସ୍ୱାଇଁ, ରାଜା ପ୍ରସାଦ, ନନ୍ଦିନୀ ସୋନୀ, ସୁଲେଖା ତନ୍ତୀ, ମୌସୁମୀ ନାୟକ, ସେବତୀ ନାୟକ, ଅଞ୍ଜଳି ରଜାକ,ସୁରୁଚି ଜେନା ପ୍ରମୁଖ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟ ଛାତ୍ର ସଭାପତି ୟାସୀର ନୱଜଙ୍କ ଆହ୍ୱାନରେ ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ କରାଯାଇଥିଲା।

# ୨୦୧୧ ଜନଗଣନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୨୫।୨ (ବ୍ୟୁରୋ)

୨୦୧୧ ଜନଗଣନା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନା କରିଥିବା ଅଧିକାରୀମାନଙ୍କୁ ଗୁରୁବାର ସମ୍ମାନିତ କରାଯାଇଛି। ସେମାନଙ୍କୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପ୍ରଦତ୍ତ ମେଡାଲ ଓ ମାନପତ୍ର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପ୍ରଦାନ କରିଥିଲେ। ତତ୍କାଳୀନ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ହରିହର ମଲ୍ଲିକଙ୍କୁ ରୌପ୍ୟ ପଦକ, ଅନ୍ୟ ଅଧିକାରୀ ରେଢ଼ାଖୋଲ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରକାଶ ନାରାୟଣ ଶର୍ମା, ଧନକଉଡା ବ୍ଲକ ବିଦ୍ୟାଳୟ ନିରୀକ୍ଷକ କିଶୋର ଚନ୍ଦ୍ର ଚଇନି, ରେଢ଼ାଖୋଲ ବ୍ଲକର ବିଦ୍ୟାଳୟ ନିରୀକ୍ଷକ ଦେବରାଜ ପ୍ରଧାନ, ସମ୍ବଲପୁର ତହସିଲ ଅଞ୍ଚଳ ଦାୟିତ୍ୱରେ ଥିବା ଅଇଁଠାପାଲି ସେବାଶ୍ରମ ବିଦ୍ୟାଳୟର ସହଶିକ୍ଷକ ନବୀନ କିଶାନ, ରେଢ଼ାଖୋଲ ଏନ୍‌ଏସି ଅଞ୍ଚଳ ଦାୟିତ୍ୱରେ ଥିବା କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ତତ୍କାଳୀନ ଜିଲାପାଳ ହେମନ୍ତ କୁମାର ଦାଶଙ୍କୁ ରାଜ୍ୟ ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟରେ ସମ୍ମାନିତ କରାଯିବ।


ଜିଲାପାଳଙ୍କ ଅଫିସରେ ଜନଗଣନା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କବି ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ଜୟନ୍ତୀ

ସମ୍ବଲପୁର,୨୫।୨(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ କବି ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡିନ୍ ମୁରାରୀଲାଲ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କବି ସୂର୍ଯ୍ୟକାନ୍ତଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ରେଳ ପ୍ରବନ୍ଧକ ଏଲ୍ ଭିଏସ୍ ପାତ୍ରୁଡୁ ଧନ୍ୟବାଦ ଦେଇଥିଲେ। ରାଜକୋଷ ଭାଷା ବିଭାଗର ଅଧିକାରୀ ନବନୀତ ଶିବହରେ, ବିଜୟ ଚନ୍ଦ୍ରାକରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଙ୍ଗରାଗ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୨୫।୨(ବ୍ୟୁରୋ)

ସମ୍ବଲପୁର ସହର ଝାଡୁଆପଡାରେ ଥିବା ଗୌରମଠଠାରେ ଅଙ୍ଗରାଗ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମାଘ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ଶୁଭ ବେଳାରେ ଶ୍ରୀରାଧା ଗିରିଧାରୀ ଓ ଶ୍ରୀଗୌରାଙ୍ଗ ବିଷ୍ଣୁପ୍ରିୟାଙ୍କ ଗମ୍ଭୀରା ବିଜେ ହୋଇଛି। ଫେବୃୟାରୀ ୨୧ ତାରିଖଠାରୁ ମହୋତ୍ସବ ଓ ହୋମଯଜ୍ଞ ହେଉଥିଲା। ମନ୍ଦିରର ଗମ୍ଭୀରାରେ ବିଗ୍ରହମାନେ ସୁନା, ରୁପା ଓ ବିଭିନ୍ନ ପୁଷ୍ପରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ନୂତନ ଧ୍ୱଜା ଆରୋହଣ କରାଯାଇଥିଲା। ଏଥିରେ ସମ୍ବଲପୁର ସମେତ ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ ଜିଲାରୁ ସାଧୁମାନେ ଯୋଗଦେଇଥିଲେ। ବୃନ୍ଦାବନ ନିବାସୀ ଶ୍ରୀଦାମ କିଙ୍କରଜୀ ମହାରାଜ (ରାଧେ ରାଧେ ବାବା)ଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ସହିତ ବୃନ୍ଦାବନର ବୈଦିକ ପଣ୍ଡିତ ରାକେଶ ଦୁବେ, ମୋହିତ ଚତୁର୍ବେଦୀ, ବରଗଡ଼ର କୀର୍ତ୍ତି ପଣ୍ଡା ଓ ସହଯୋଗୀ ମନ୍ତ୍ରୋଚ୍ଚାରଣ କରିଥିଲେ। ଅଶୋକ କୁମାର ବେହେରା, ଅକ୍ଷୟ କୁମାର ବେହେରା, ଅନିଲ କୁମାର ବେହେରା ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ଶ୍ରୀ ଗୌରାଙ୍ଗ ବିଷ୍ଣୁପ୍ରିୟା ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ଓ ଉଦ୍ୟୋକ୍ତାମାନଙ୍କ ଦ୍ୱାରା ଉତ୍ସବ ପରିଚାଳନା ହୋଇଥିଲା। ଶତାଧିକ ବର୍ଷ ପୁରାତନ ଏହି ମନ୍ଦିରରେ ୧୨ ବର୍ଷରେ ଥରେ ବିଗ୍ରହଙ୍କ ଏହି ଅଙ୍ଗରାଗ ମହୋତ୍ସବ ହୋଇଥାଏ।

**ଗିରିଧାରୀ, ବିଷ୍ଣୁପ୍ରିୟାଙ୍କ ଗମ୍ଭୀରା ପ୍ରବେଶ**


ଗମ୍ଭୀରା ବିଜେ କରିଥିବା ଶ୍ରୀବିଗ୍ରହ।

# ବାଇକ୍ ଚାଳକଙ୍କ ଉପରେ ପଡ଼ିଲା ଗଛଡାଳ

ସମ୍ବଲପୁର, ୨୫।୨ (ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ରାଣନପୁର- ମିର୍ଗାମୁଣ୍ଡା ରାସ୍ତା କଡରେ ବିଦ୍ୟୁତ୍ ତାର ସଂଯୋଗ କରୁଥିବା ଠିକା କମ୍ପାନୀର ଅବହେଳା ଯୋଗୁ ଦୁର୍ଘଟଣା ଘଟିଛି। ତାର ସଂଯୋଗ ପାଇଁ କଟାଯାଉଥିବା ଗଛ ଡାଳ ପଡ଼ି ୨ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ଘେନୁପାଲି ଗ୍ରାମର ମହାଦେବ ପ୍ରଧାନ ଓ ତାଙ୍କ ସହଯୋଗୀ। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ, ଠିକା କମ୍ପାନୀକୁ ସୁରକ୍ଷା ଓ ସତର୍କତା ସହ ଗଛ କାଟିବା ପାଇଁ କୁହାଯାଉଥିଲେ ମଧ ଦୃଷ୍ଟି ନ ଦେବାରୁ ଏଭଳି ଘଟଣା ଘଟିଲା। ଗଛ କାଟିବା ପୂର୍ବରୁ ଠିକା କମ୍ପାନୀ ବନ ବିଭାଗଠାରୁ ଅନୁମତି ନେବାର ନିୟମ ରହିଛି। ବନ ବିଭାଗ ଅନୁମତି ପ୍ରଦାନ କରିବା ପରେ ବନ ନିଗମ ଗଛ କାଟିବା କଥା। ହେଲେ ଏଠାରେ ଠିକାଦାର ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ବେଆଇନ ଭାବେ ଗଛ କାଟିଚାଲିଛି। ବଡ ବଡ ଗଛ କାଟି ରାସ୍ତା ଉପରେ ପକାଇ ଦେଉଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଠିକାଦାରଙ୍କୁ କେବଳ ଗଛ ଡାଳ କାଟିବା ପାଇଁ ଅନୁମତି ଦିଆଯାଇଥାଏ। କୌଣସି ସ୍ଥାନରେ ଆବଶ୍ୟକ ପଡିଲେ ଗଛ କଟାଯାଇଥାଏ। ଗଛରୁ ତାର ଦୂରତା ପ୍ରାୟ ୧ରୁ ୨ ମିଟର ରହିବା ଆବଶ୍ୟକ। ଆଗକୁ ଯେଭଳି ଠିକ୍ ଭାବରେ କାମ କରାଯିବ ସେ ନେଇ ଠିକାଦାରଙ୍କୁ କୁହାଯିବ। ଅନ୍ୟପଟେ ସଦର ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି, ପୂର୍ବରୁ ଠିକାଦାରଙ୍କୁ ତାଗିଦ କରାଯାଇଥିଲା। ଅସୁରକ୍ଷିତ ଭାବେ କାମ କରାଯାଉଥିବା ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଦୁର୍ଘଟଣାରେ ଆହତ ବାଇକ୍ ଆରୋହୀ।

- ୨ ଆହତ, ଘଟଣାସ୍ଥଳରେ ଉତ୍ତେଜନା
- ବିଦ୍ୟୁତ୍ ଠିକା କମ୍ପାନୀର ଅବହେଳା

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୬ ଫେବୃୟାରୀ, ୨୦୨୧



## ପାଇପ ଫାଟି ରାସ୍ତାରେ ବୋହୁଛି ପାଣି

ବରପାଲି,(ଡି.ଏନ.ଏ): ବରଗଡ ଜିଲା ବରପାଲି ସହରର ହଟୁଆପଡା ଛକ ନିକଟ ରାସ୍ତାରେ ଜଳ ଯୋଗାଣ ପାଇପ ଫାଟି ପାଣି ଭାସୁଛି। ଏକ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଅଯଥାରେ ଜଳ ଅପଚୟ ସହ ଉକ୍ତ ରାସ୍ତାରେ ଯାତାୟାତରେ ସମସ୍ୟା ଉପୁଜିଛି। ଏଥି ସହ ପାଇପ ବିଛା ବେଳେ ମାଟି ଢଙ୍କା ଯାଇ ନ ଥିବାରୁ ସେଠାରେ ପାଣି ଜମି କର୍ଦ୍ଦମାକ୍ତ ହୋଇଯାଇଛି। ବିଭାଗୀୟ ଅଧିକାରୀ ପ୍ରଦୀପ କୁମାର ଅଛିଙ୍କୁ ପଚାରିବାରୁ ଏନେଇ ଆମ ପାଖକୁ ଅଭିଯୋଗ ହୋଇନାହିଁ। ତେବେ ଖୁବଶୀଘ୍ର ଏହାର ମରାମତି କରାଯିବ ବୋଲି କହିଛନ୍ତି।

# ଶିଳ୍ପାନୁଷ୍ଠାନ କରୁଛି ପ୍ରଦୂଷଣ

ବରଗଡ଼ ଅଫିସ୍,୨୫।୨

- ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ
- ପ୍ରଦୂଷଣ ବୋର୍ଡ଼ର ନିର୍ଦ୍ଦେଶକୁ ବେଖାତିର
- ୨ତେଲ ମିଲ୍‌କୁ କାରଣ ଦର୍ଶାଅ ନୋଟିସ

ବରଗଡ଼ ଜିଲାରେ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଠାରେ ଗଢ଼ି ଉଠିଥିବା କେତେକ ଶିଳ୍ପାନୁଷ୍ଠାନର ବେପରୱା ମନୋଭାବ ଯୋଗୁ ଏହି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଦୂଷଣ ଆଇନ କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିର୍ଦ୍ଦେଶକୁ ବେଖାତିର କରି ଶିଳ୍ପାନୁଷ୍ଠାନ ଗୁଡ଼ିକରେ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରାଯାଉନାହିଁ। ଫଳରେ ପ୍ରଦୂଷଣ ବଳୟରେ ରହି ଆସୁଥିବା ଅଞ୍ଚଳବାସୀ ନାନା ରୋଗର ସମ୍ମୁଖୀନ ହେଉଛନ୍ତି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଚାଷଜମି ମଧ୍ୟ ପ୍ରଭାବିତ ହେଉଛି। ଏହା ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଠୋସ୍ ପଦକ୍ଷେପ ନେଉନାହିଁ। ଲୋକ ଦେଖାଣିଆଭାବେ କାରଣ ଦର୍ଶାଅ ନୋଟିସ୍ ଜାରି କରି ବିଭାଗୀୟ କର୍ତ୍ତୃପକ୍ଷ ହାତ ବାନ୍ଧି ବସିଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଜିଲାର ଏଭଳି ଦୁଇଟି ଶିଳ୍ପାନୁଷ୍ଠାନ ତଥା ତେଲ ମିଲ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହିତ ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ପଷ୍ଟୀକରଣ ନ ମିଳିଲେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନକୁ ବନ୍ଦ ନୋଟିସ ଜାରି କରାଯିବ ବୋଲି ସ୍ପଷ୍ଟ କରାଯାଇଛି।

ବରଗଡ଼ ଜିଲା ଗୋବିନ୍ଦପୁର ନିକଟ ସାହ୍ଲେପାଲିରେ ଥିବା ଶ୍ରୀ ଦେଓଶରୱଲି ଅଏଲ ଇଣ୍ଡଷ୍ଟ୍ରିଜ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା:୯୩୭ ତା୨୩।୨।୨୦୨୧ରିଖରେ ଏଭଳି ନୋଟିସ୍ କରାଯାଇଛି। ୨୦୧୩ରେ ସ୍ଥାପିତ ଉକ୍ତ ଶିଳ୍ପାନୁଷ୍ଠାନକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ମିଳିଥିବା ଅନୁମତି ଅବଧି ୨୦୨୩ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିଛି। କିନ୍ତୁ ଅନୁମତି ପ୍ରଦାନ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯେଉଁ ଚୁକ୍ତି ହୋଇଥିଲା ତାକୁ ଏଠାରେ ପାଳନ କରାଯାଉନାହିଁ। ଗତ ୧୫ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ଟିମ୍ ଉକ୍ତ ତେଲ ମିଲ୍ ପରିଦର୍ଶନରେ ଆସିଥିବାବେଳେ ତାହା ଜଣାପଡ଼ିଥିଲା ବୋଲି ନୋଟିସ୍‌ରେ ଦର୍ଶାଯାଇଛି। ତେଲ ମିଲ୍‌ରୁ ନିଷ୍କାସିତ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରାଯାଉ ନ ଥିବା ସେତେବେଳେ ଜଣାପଡ଼ିଥିଲା ଏବଂ ଧୂଆଁ ନିଷ୍କାସନ ବ୍ୟବସ୍ଥା (ଇଟିପି) ମଧ୍ୟ ଠିକ୍ ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ବ୍ରଏଲରରୁ ବାହାରୁଥିବା ଆଶ୍‌କୁ ମଧ୍ୟ କାରଖାନା ବାହାରେ ପକାଯାଇଥିବା ଦେଖିବାକୁ ମିଳିଥିଲା ବୋଲି ନୋଟିସରେ ଉଲ୍ଲେଖ ରହିଛି। ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ ଶ୍ରକ୍ରିଷ୍ଣା ସୋଲଭେଣ୍ଟ୍ ଏକ୍ସଟ୍ରାକ୍ସନ(ପ୍ରା) ଲିମିଟେଡ୍ ତେଲମିଲକୁ ମଧ୍ୟ ମଙ୍ଗଳବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୂପ ନୋଟିସ୍ ଜାରି କରିଛି। ବୋର୍ଡ଼ର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା–୯୩୧ ତା୨୩।୨।୨୧ରେ ଏହି ନୋଟିସ୍ ଜାରି କରାଯାଇଛି। ଜିଲାର ଅନେକ ଶିଳ୍ପାନୁଷ୍ଠାନରେ ନିଷ୍କାସିତ ବର୍ଜ୍ୟବସ୍ତୁ ଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି।

## ସାମୂହିକ ଔଷଧ ସେବନର ଜିଲାସ୍ତରୀୟ ଶୁଭାରମ୍ଭ



ଔଷଧ ସେବନର ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟ ଅତିଥିବୃନ୍ଦ ।

ସୋନପୁର,୨୫।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବୁଣାକାରଙ୍କ ଗାଁ ସାଗରପାଲିରେ ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଜିଲାସ୍ତରୀୟ ଶୁଭାରମ୍ଭ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ୟ ଅତିଥିମାନଙ୍କ ସହ ଡିଇସି ଓ ଆଲବେଣ୍ଡାଜଲ ବଟିକା ସେବନ ପୂର୍ବକ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ନବକିଶୋର ବେହେରା ଫାଇଲେରିଆ ରୋଗର କାରଣ, ନିରାକରଣ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ ଯୋଗ ଦେଇଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଡା. ପଦ୍ମହଂସା ଦୋରା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଦିଲୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସଙ୍ଗୀତା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଏନଏସି ମାନ୍ୟତା ଦାବିରେ ଧାରଣାକୁ କୋସଲ ସେନାର ସମର୍ଥନ

ଲୋଇସିଂହା,୨୫।୨(ଡି.ଏନ.ଏ): ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ବ୍ଲକ ଅଫିସ ଆଗରେ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ଗଣଧାରଣା ଚାଲିଛି। ଗୁରୁବାର ଧରଣାର ଦ୍ୱିତୀୟ ଦିନରେ କୋସଲ ସେନା ଓ ସାମ୍ବିଦିକ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ଧାରଣାକୁ ୩୦ଘଣ୍ଟା ବିତି ଯାଇଥିଲେ ବି ବିଡିଓ କିମ୍ବା ତହସିଲଦାର ଧାରଣାସ୍ଥଳକୁ ଆସିନାହାନ୍ତି। ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଆବାହକ ସରୋଜ ବିଶ୍ୱାଳ କହିଛନ୍ତି। ଭାଜପା ନେତା ଭୂତନାଥ ନାଏକ ଜିଲାପାଳ ଧାରଣାସ୍ଥଳକୁ ଆସି ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କହିଛନ୍ତି। ସମ୍ବିଦିକ ସଂଘର ବିମଳଚରଣ ହୋତା ଏନଏସି ଗଠନ ନେଇ ସରକାରଙ୍କ ଅବହେଳା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି।

### ଟିକା କରଣ ଉପରେ ଗୋଷ୍ଠୀ ସଚେତନତା କର୍ମଶାଳା

ଲୋଇସିଂହା,୨୫।୨(ଡି.ଏନ.ଏ.): ଆଗଲପୁର ବ୍ଲକ ନୁନିଆପାଲି ପଞ୍ଚାୟତ ସଭାଗୃହରେ ବିକଳ୍ପ ଓ ପଲ୍ଲି ଆଲୋକ ପାଠାଗାରର ମିଳିତ ଆନୁକୂଲ୍ୟରେ ଟୀକାକରଣ ଉପରେ ଗୋଷ୍ଠୀ ସଚେତନ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ଆସିଡିଏସ ସୁପରଭାଇଜର କୁନି ଦୀପ, ପ୍ରଫୁଲ୍ଲ ଦୋରା, ସପନୀଲ ଜେନ, କେ.କେ. ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଗାଁରେ ଟୀକାକରଣ ହୋଇ ପାରିବ ଓ ଶିଶୁମାନଙ୍କୁ ବିଭିନ୍ନ ରୋଗରୁ ବଞ୍ଚାଇ ପାରିବା ସେ ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। କୋଭିଡ-୧୯ ସୁପରିଚାଳନା କରିଥିବା ଆଗଲପୁର ବ୍ଲକ ଅଞ୍ଚଳର ସରପଞ୍ଚ ସୁଜିତ ସାହୁ, ଗଣେଶ ସାହୁ, ସହଦେବ ସାହୁ, ବିଜୟ ମଲ୍ଲିକ, ପ୍ରମୋଦ ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପ୍ରତ୍ୟେକ ପିଲା ପାଖରେ ବୈଜ୍ଞାନିକ ଚିନ୍ତାଧାରା ରହିବା ଆବଶ୍ୟକ

ଲାଠୋର, ୨୫।୨(ଡି.ଏନ.ଏ): ପ୍ରତ୍ୟେକ ବିଦ୍ୟାର୍ଥୀଙ୍କଠାରେ ବୈଜ୍ଞାନିକ ଚିନ୍ତାଧାରା ରହିବା ଦରକାର। ଯେ କୌଣସି ବିଷୟକୁ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରି ଗ୍ରହଣ କରିବା ଉଚିତ ବୋଲି ବଲାଙ୍ଗୀର ଜିଲା ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ପ୍ରେରଣା ଦାନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଛନ୍ତି ଖପ୍ରାଖୋଲ ବିଡିଓ ତରଣୀ ସୁନା। ଅଧକ୍ଷ ପ୍ରସନ୍ନ ଦାସଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନ, ସମ୍ମାନୀତ ଅତିଥି ଖପ୍ରାଖୋଲ ତହସିଲଦାର ଧିରଜ କୁମାର ପାତ୍ର, ଯୋଗ ଗୁରୁ ହରିଭାଇ ଆର୍ଯ୍ୟାନ, ମହାବିଦ୍ୟାଳୟ ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗଦେଇଥିଲେ। ଶାରୀରିକ ଓ ମାନସିକସ୍ତରରେ ସୁଦୃଢ଼ ହୋଇ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ କରି ଲକ୍ଷ୍ୟ ହାସଲ ପଥରେ ଆଗେଇ ଯିବା ଉଚିତ ବୋଲି ଅତିଥିମାନେ କହିଥିଲେ।

### ବାତଜ୍ୱର ନିରାକରଣର ଶୁଭାରମ୍ଭ

ବରଗଡ଼ ଅଫିସ୍,୨୫।୨: ବରଗଡ଼ ଜିଲାରେ ଫାଇଲାରିଆ(ବାତଜ୍ୱର) ନିରାକରଣର ଶୁଭାରମ୍ଭ ଗୁରୁବାର ହୋଇଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏଥିପାଇଁ ଉଦ୍ଦିଷ୍ଟ ବଟିକା ପ୍ରଥମେ ସେବନ କରି ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଧୁଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ମହିଳାଙ୍କୁ ଦୁର୍ବ୍ୟବହାର,ଅଭିଯୁକ୍ତ ଫେରାର

ବଲାଙ୍ଗୀର ଅଫିସ, ୨୫।୨: ବଲାଙ୍ଗୀର ଶାସ୍ତ୍ରୀନଗର ଅଞ୍ଚଳର ଜଣେ ମହିଳା ଦୁର୍ବ୍ୟବହାରର ଶିକାର ହୋଇଛନ୍ତି। ଜଣେ ବ୍ୟକ୍ତି ତାଙ୍କ ଘରେ ପଶି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ମହିଳା ଜଣକ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ କେତେକ ମହିଳା ଗୁରୁବାର ଟାଉନ୍ ଥାନାକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଟାଉନ୍ ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଘଟଣା ବିଷୟରେ କିଛିବି ସୂଚନା ଦେଇନାହାନ୍ତି।

# ବ୍ରାହ୍ମଣୀ ପାହାଡ଼ର ବିକାଶ କରାଯିବ

ମୁରିବାହାଲ, ୨୫।୨(ଡି.ଏନ.ଏ.)


ବ୍ରାହ୍ମଣୀରେ କଦଳୀ ଚାଷ ବିଷୟରେ ଜିଲାପାଳ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

- ମୁରିବାହାଲ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ଜିଲାପାଳ
- କଦଳୀ ଚାଷ ବିଷୟରେ ମହିଳା ଏସ୍‌ଏଚ୍‌ଜିଙ୍କ ସହ କଲେ ଆଲୋଚନା

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗସ୍ତରେ ଆସି ଗୁରୁବାର ଜିଲାପାଳ ଚଞ୍ଚଳ ରାଣା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ପରେ ଲଖନା ପଞ୍ଚାୟତର ବ୍ରାହ୍ମଣୀ ଗାଁରେ ପରିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ଶୁଭାରମ୍ଭ, ଏସ୍‌ଏଚ୍‌ଜି ମହିଳାଙ୍କ ସହ କଦଳୀ ଚାଷ ବିଷୟରେ ଆଲୋଚନା କରିଥିଲେ। ଏହାପରେ ବିଜଘାଟରେ ଗୋରୁ ଗୁହାଳର କାର୍ଯ୍ୟାଦେଶ ବଣ୍ଟନ ଓ ଗୁଡିଘାଟ ପଞ୍ଚାୟତର ସୁକ୍ରୁନିପଦର ଓ ବାରବନ୍ଧରେ ଜଙ୍ଗଲ ଜାତ ଦ୍ରବ୍ୟ ସମ୍ବନ୍ଧରେ ଗ୍ରାମବାସୀଙ୍କ ଆଲୋଚନା କରିଥିଲେ ଜିଲାପାଳ। ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳର ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର କାର୍ଯ୍ୟ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ହି ବିଭାଗରେ ରୋଗୀ ସେବାକୁ ଗୁରୁତ୍ୱ ଦେବାକୁ ଇନଚାର୍ଜ ଡାକ୍ତର ସଂଗ୍ରାମ କେଶରୀ ନାୟକଙ୍କୁ କହିଥିଲେ। ମୁରିବାହାଲ ପଞ୍ଚାୟତ ଡୁମେରପଡାରେ ଏସ୍‌ଏଚଜି ମହିଳାଙ୍କ ଗୋଷ୍ଠୀ କେନ୍ଦ୍ର ବୁଲି ଦେଖିଥିଲେ। ଗସ୍ତ ସମୟରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜେନ, ବିଡିଓ ପ୍ରିୟରଞ୍ଜନ କୁମାର, ଏବିଡିଓ ମହେନ୍ଦ୍ର ପ୍ରଧାନୀ, ସରପଞ୍ଚ ମିଥିଲା ମାଝୀ, ଡୋଳମଣୀ ବାଗ, ନୃପତି ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲାପାଳ ରବିନଟୁଆଁ ବ୍ରାହ୍ମଣୀ ପାହାଡ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କୁ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ଜୈନ ଓ ମାଲିଶିରା ସରପଞ୍ଚ ଡୋଳାମଣୀ ବାଗ ଏବଂ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ଏହି ଅବସରରେ ସେଠାରେ ଅନୁଷ୍ଠିତ ସଭାରେ ଜିଲାପାଳ ପର୍ଯ୍ୟଟନସ୍ଥଳୀର ବିକାଶ କରିବାର ପ୍ରତିଶ୍ରୁତି ଦେଇଥିଲେ। ମାଲିଶିରା ସରପଞ୍ଚ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷ ଜୈନ, ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ, କୈବଲ୍ୟ ବେହେରା, କାଶ୍ୟପ ସରାଫ, ପତ୍ରାପାଲି(କ) ସରପଞ୍ଚ ଯୁଧିଷ୍ଠିର ଭରାସାଗର, ଜୟକିସନ ବାଗ, ମୂରଲୀ ଧରାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ

ପଦ୍ମପୁର, ୨୫।୨ (ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଭେଡେଁରିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସହକାରୀ ରାଜସ୍ୱ ନିରୀକ୍ଷକ ବଳଦେବ ବନଛୋରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ୨୪ ତାରିଖ ରାତିରେ ସେ ଘରେ ଅନୁପସ୍ଥିତ ଥିଲେ। ଏହା ପରଦିନ ଅମଲିପାଲି ରାସ୍ତା ପାର୍ଶ୍ୱ ଏକ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସ୍ତ୍ରୀ ସନ୍ତୋଷିନୀଙ୍କ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୧)ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ଜଣା ପଡିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

## ପଦ୍ମପୁର: ଧାନ ଉଠାଣ ଦାବି କଲା ଏଏପି

ବରଗଡ଼ ଅଫିସ୍,୨୫।୨

ପଦ୍ମପୁର ଉପଖଣ୍ଡରେ ଧାନ ଉଠାଣ ଦାବି ନେଇ ଚାଲିଥିବା ଚାଷୀ ଆନ୍ଦୋଳନ ଗୁରୁବାର ୧୫ଦିନରେ ପହଞ୍ଚିଛି। ପଦ୍ମପୁର ଉପଜିଲାପାଳ, ତହସିଲ, ବ୍ଲକ, କୋଷାଗାର, କୃଷି ସମେତ ସମସ୍ତ ସରକାରୀ ଅଫିସ ଅଚଳ ହୋଇପଡ଼ିଥିବାବେଳେ କନସିଂହା ଛକରେ ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହା ସତ୍ତ୍ୱେ ଧାନ ଉଠାଣ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପ୍ରତିଶ୍ରୁତି ମିଳି ପାରିନାହିଁ। ପ୍ରଶାସନ ତୁରନ୍ତ ପଦ୍ମପୁର ଅଞ୍ଚଳର ମଣ୍ଡି ଗୁଡ଼ିକରେ ପଡ଼ିଥିବା ଅଢ଼େଇ ଲକ୍ଷ ପ୍ୟାକେଟ୍ ଧାନକୁ ଉଠାଇବା ପାଇଁ ଆମ ଆଦମୀ ପାର୍ଟି(ଏଏପି) ଦାବି କରିଛି। ଧାନବିକ୍ରି ଚିନ୍ତାରେ ରହି ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ସମ୍ବଲପୁରୀ ଗ୍ରାମର ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ହୋଇଛି । ଗୁରୁବାର ଦଳ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ପ୍ରଦାନ କରାଯାଇଛି। ଏଏପିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଧୀରପୁର ଚାମ୍ପିୟନ


ମୁଖ୍ୟଅତିଥି ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ବିନିକା,୨୫।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଳ ନେତାଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବ୍ରାହ୍ମଣିପାଲିକୁ ହରାଇ ୫–୩ ପେନାଲଟି ସୁଟ୍‌ଆଉଟ୍‌ରେ ହରାଇ ଧୀରପୁର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ସିଂଘିଯୁବାର ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଧିରପୁରର ଅନୀଲ ପଧାନଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ କରନ ସାହୁଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା ।

ଗୁରୁବାର ଫାଇନାଲ ମ୍ୟାଚ ପୂର୍ବରୁ ଚୁଲିମାଳ ବନାମ କନବାର ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। କନବାର ଚୂଳିମାଳକୁ ୨–୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ବ୍ରାହ୍ମଣୀଡୁରୁମ ଓ ବ୍ରାହ୍ମଣୀପାଲି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲଟି ସୁଟ୍ ଆଉଟ୍ ହୋଇଥିଲା। ଏଥିରେ ବ୍ରାହ୍ମଣିପାଲି ବ୍ରାହ୍ମଣୀଡୁରୁମକୁ ୨–୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ୨ୟ ସେମି ଫାଇନାଲ ଖେଳ କନବାର ଓ ବ୍ରାହ୍ମଣୀପାଲି ମଧ୍ୟରେ ହୋଇଥିଲା। ଏଥିରେ ବ୍ରାହ୍ମଣୀପାଲି କନବାରକୁ ୨–୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ଧିରପୁର ଫୁଟବଲ ଦଳ ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଥିଲା।

# ମହିଳାଙ୍କୁ ଇ–ରିକ୍ସା ଡ୍ରାଇଭିଂ ପ୍ରଶିକ୍ଷଣ


ମହିଳାମାନେ ଇ–ରିକ୍ସା ଚାଳନା ତାଲିମ ନେଉଛନ୍ତି ।

ସୋନପୁର,୨୫।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ୧୬ ମହିଳାଙ୍କୁ ଇ–ରିକ୍ସା ଡ୍ରାଇଭିଂ ପ୍ରଶିକ୍ଷଣ ଦିଆଯାଉଛି। ବିନିକା ବ୍ଲକରୁ ୫ଜଣ, ଡୁଙ୍ଗୁରିପାଲି, ସୋନପୁର ଓ ବୀରମହାରାଜପୁର ବ୍ଲକରୁ ୩ ଜଣ ଲେଖାଏଁ ଏବଂ ଉଲୁଣ୍ଡା ବ୍ଲକର ୨ ଜଣ(ମହିଳା ଏସ୍‌ଏଚ୍‌ଜି) ଫେବୃୟାରୀ ୨ ତାରିଖରୁ ଏହି ତାଲିମ ନେଉଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫ ଏସ୍‌ଏଚଜିର ମହିଳା ସ୍ୱରୋଜଗାରକ୍ଷମ ହେବା ସହ ଗ୍ରାମାଞ୍ଚଳରେ ଲୋକଙ୍କୁ ସୁଲଭ ମୂଲ୍ୟରେ ବ୍ୟାଟେରୀ ଚାଳିତ ରିକ୍ସାରେ ଯାତାୟାତ ସୁବିଧା ଯୋଗାଇ ଦେବେ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି। ତାଲିମ ମିଳିବା ପରେ ମହିଳାଙ୍କୁ ଇ–ରିକ୍ସା କିଣିବା ପାଇଁ ଋଣ ପ୍ରଦାନ କରାଯିବ। ଷ୍ଟେଟ୍‌ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଜିଲା ପ୍ରଶାସନ(ମିଶନ ଶକ୍ତି) ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହିଳା ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶୀଷ ସାହୁ, ଜିଲା ଶିଳ୍ପ କେନ୍ଦ୍ରର ପରିଚାଳକ ବଳଭଦ୍ର ନାଏକ, ଏଲଡିଏମ ସରୋଜ କୁମାର ଦାସ ଓ ଷ୍ଟେଟ୍‌ବ୍ୟାଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ରାଜ କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ ।

## ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ସୁରକ୍ଷା କର୍ମଚାରୀଙ୍କ ଆତ୍ମହତ୍ୟା

ସଇଁତଲା, ୨୫।୨ (ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡମାଳ ଗୋଳାବାରୁଦ କାରଖାନାରେ ଜଣେ ସୁରକ୍ଷା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କ ସର୍ଭିସ ବନ୍ଧୁକରୁ ୫ ରାଉଣ୍ଡ ଗୁଳି ଫୁଟିଥିବା ଓ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ ପୋଲିସ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ। ମୃତ ସୁରକ୍ଷା କର୍ମୀଙ୍କ ନାମ ଲଳିତ ରାଏ । ତାଙ୍କ ଘର ଦାର୍ଜିଲିଂରେ। ବୁଧବାର ସନ୍ଧ୍ୟାରେ ଯବାନ ରାଏ ୪୭ନଂ ବେଷ୍ଟନରେ ଡ୍ୟୁଟି କରୁଥିଲେ। ହଠାତ ସେ ସର୍ଭିସ ବନ୍ଧୁକରୁ ନିଜ ଉପରକୁ ଗୁଳି ଚଳାଇଥିଲେ। ବଡ଼ମାଳ ପୋଲିସ ସୁରକ୍ଷା କର୍ମଚାରୀଙ୍କ ମୃତଦେହ ଜବତ କରିଛି । ଅଧିକ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ମାହେଶ୍ୱରୀଙ୍କ ନବକଳେବର ପାଇଁ ଦାରୁ ସଂଗ୍ରହ

ଅମରପାଲି,୨୫।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁରର ପ୍ରସିଦ୍ଧ ମାହେଶ୍ୱରୀ ପୀଠ ଠାକୁରାଣୀଙ୍କ ହେବ ନବକଳେବର। ଏଥିପାଇଁ ଦାରୁ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଠାକୁରାଣୀଙ୍କଠାରୁ ଆଜ୍ଞାମାଳ ନେଇ ଏକ ଶୋଭାଯାତ୍ରାରେ ପୂଜକ, କର୍ତ୍ତା ଓ ଶ୍ରଦ୍ଧାଳୁ ଦାରୁ ସଂଗ୍ରହ ପାଇଁ ବାହାରିଥିଲେ। ନିକଟସ୍ଥ ସରଗିପାଲି ଜଙ୍ଗଲରେ ରୋହିଣୀ ଓ ମହୁଲ ବୃକ୍ଷ ଚିହ୍ନଟ ହୋଇଥିଲା। ବୃକ୍ଷ ନିକଟରେ ପୂଜା, ହୋମ ଆଦି କରାଯାଇ ଦାରୁ ସଂଗ୍ରହ କରାଯାଇଥିଲା। ଦାରୁ ସଂଗ୍ରହ କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଓ ପତ୍ନୀ ପୁଷ୍ପା ଦଳବେହେରା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ସୀତାରାମ ପାଢ଼ୀ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିଲେ। ଦାରୁ ସଂଗ୍ରହ ପରେ ଏକ ସୁସଜ୍ଜିତ ଶଗଡରେ ଉଭୟ ଦାରୁ ଶୋଭାଯାତ୍ରାରେ ଅଣାଯାଇଥିଲା।


କାନପୁରରେ ଦାରୁ ସଂଗ୍ରହ କରି ଶ୍ରଦ୍ଧାଳୁମାନେ ଆଣୁଛନ୍ତି ।

# ପିଡିଏସ୍ ଚାଉଳ ନ ପାଇ ଫେରିଲେ ହିତାଧିକାରୀ

ଅମରପାଲି, ୨୫।୨ (ଡି.ଏନ.ଏ)


ଦୁର୍ଜନଟୈଲା ପଞ୍ଚାୟତ ଆଗରେ ହିତାଧିକାରୀଙ୍କ ଧାରଣା।

ଦୁର୍ଜନଟୈଲା ପଞ୍ଚାୟତ
- ପ୍ରତିବାଦରେ ପଞ୍ଚାୟତ ଆଗରେ ଧାରଣା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟୈଲା ପଞ୍ଚାୟତରେ ଗୁରୁବାର ପିଡିଏସ ଚାଉଳ ବଣ୍ଟନ ନ ହେବାରୁ ଶତାଧିକ ହିତାଧିକାରୀ ଫେରି ଯାଇଛନ୍ତି । ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଶତାଧିକ ମହିଳା ଓ ପୁରୁଷ ଧାରଣା ଦେଇଥିଲେ।

ପ୍ରକାଶ ଯେ, ପୂର୍ବ ଘୋଷଣା ଅନୁସାରେ ଗୁରୁବାର ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯିବାର ଥିଲା। ତେଣୁ ପୂର୍ବାହ୍ନ ୧୦ଟା ସମୟରୁ ପଞ୍ଚାୟତ ଆଗରେ ହିତାଧିକାରୀଙ୍କ ଭିଡ ଜମିଥିଲା। ମାତ୍ର ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଚାଉଳ ବଣ୍ଟନ କରିବା ପାଇଁ କେହି ଆସି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଉଳ ବଣ୍ଟନ ଆରମ୍ଭ ନ ହେବାରୁ ଲୋକେ ପାଟିତୁଣ୍ଡ କରିଥିଲେ। ପଞ୍ଚାୟତର କର୍ମଚାରୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଦୁର୍ଜନଟୈଲା ପଞ୍ଚାୟତରେ କୌଣସି ସ୍ଥାୟୀ ଯୋଗାଣ ସହାୟକ ନ ଥିବାରୁ ଏବେ ବହଳପଦର ପଞ୍ଚାୟତର ଯୋଗାଣ ଅଧିକାରୀ ବିଭୀଷଣ ଦନ୍ତା ସେଠାରେ ପିଡିଏସ ବଣ୍ଟନ କରୁଛନ୍ତି। ସେ କୌଣସି କାରଣରୁ ନ ଆସିବାରୁ ଚାଉଳ ବଣ୍ଟନ ହୋଇ ନ ଥିଲା। ଫଳରେ ହିତାଧିକାରୀମାନେ ଏହାର ପ୍ରତିବାଦରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ତଥାପି ଚାଉଳ ବଣ୍ଟନ ନ ହେବାରୁ ହିତାଧିକାରୀ ନିରାଶ ହୋଇ ଫେରି ଯାଇଥିଲେ। ଲୋକଙ୍କ ଅଭିଯୋଗ ମତେ ଉକ୍ତ ପଞ୍ଚାୟତରେ ଧାର୍ଯ୍ୟ ଦିନରେ କେବେ ଚାଉଳ ବଣ୍ଟନ ହୋଇ ନ ଥାଏ। ଯେତେବେଳେ ଇଚ୍ଛା ହେଲା ସେତେବେଳେ ପିଡିଏସ ବଣ୍ଟନ ହୋଇଥାଏ। ତେଣୁ ଅନେକ ହିତାଧିକାରୀ ଖବର ନ ପାଇ ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥାନ୍ତି। ସ୍ଥାୟୀ ଯୋଗାଣ ସହାୟକ ନ ଥିବାରୁ ଏହି ସମସ୍ୟା ଲାଗି ରହିଛି । ଯଥାଶୀଘ୍ର ଜଣେ ସ୍ଥାୟୀ ଯୋଗାଣ ସହାୟକ ନିଯୁକ୍ତି କରିବାକୁ ହିତାଧିକାରୀଙ୍କ ପକ୍ଷରୁ ଦାବି ହେଉଛି। ପିଡିଏସ ବଣ୍ଟନ ଦାୟିତ୍ୱରେ ଥିବା ବିଭୀଷଣ ଦନ୍ତାଙ୍କୁ ପଚାରିବାରେ ସେ ମେଡିକାଲକୁ ଯାଇଥିବାରୁ ଅନୁପସ୍ଥିତ ଥିବା କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୬ ଫେବୃୟାରୀ, ୨୦୨୧

**ପୋଷ୍ୟ ସ୍କୁଲ ଗ୍ରହଣ କଲେ ଶିକ୍ଷାବିତ୍**

**ବରଗଡ଼ ଅଫିସ୍:** ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୪ରେ ରହିଥିବା ଗଙ୍ଗାଧର ନଗର ସରକାରୀ ପ୍ରାଥମିକ ସ୍କୁଲକୁ ଗୁରୁବାର ସ୍ଥାନୀୟ ଶିକ୍ଷାବିତ୍ ଯଶବୀର ସିଂ ପୌଷ୍ୟ ସ୍କୁଲଭାବେ ଗ୍ରହଣ କରିଛନ୍ତି। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ ହୋତା, କପିଳ ରଥ, ସିଆରସିସି ନମିତା ପଟ୍ଟନାୟକ, ବିରାଟ ସାହୁ, ପ୍ରାଥମିକ ଶିକ୍ଷକ ସଂଘର ପ୍ରଶାନ୍ତ ମହାପାତ୍ର, ସ୍କୁଲ ପରିଚାଳନା କମିଟିର ରବୀନ୍ଦ୍ର ଦୀପ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ ।



**ସଂକ୍ଷେପରେ**

## ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

**ପାଇକମାଲ/ଅତାବିରା/ଡୁଙ୍ଗୁରିପାଲି, ୨୫।୨ (ଡି.ଏନ.ଏ):** ପାଇକମାଲ ଚିକିତ୍ସାଳୟରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଡିଓ ସୁରେନ୍ଦ୍ର ମେହେର, ଡା. ଶ୍ରୀଧର ପ୍ରଧାନ, ଡା. ସଂଗୀତା ସାହୁ, ପିଏଚଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ ରେବତୀ ମୋହନ ଜେନା, ଭିବିଡିଟିଏସ ସାନୋଜ କୁମାର ଦାସ ଯୋଗଦେଇ ଫାଇଲେରିଆ ନିରାକରଣ ଅଭିଯାନରେ ସମସ୍ତେ ସାମିଲ ହୋଇ ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅତାବିରା ଓ ଭେଡେନ ବ୍ଲକରେ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ଯାଇ ଫାଇଲେରିଆ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କରିବାକୁ ସଚେତନତା କରିଥିଲେ। ଡୁଙ୍ଗୁରିପାଲି ସିଏଚସିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ଜୟନ୍ତୀ ଗଡତିଆ, ଡା. ପାର୍ଥପ୍ରତୀମ ପଣ୍ଡା, ଡା. ଶଶାଙ୍କ ଶିଖର ମିଶ୍ର, ଡା. କିରଣ ପ୍ରଭା ଡୁଙ୍ଗଡୁଙ୍ଗ, ଡା. ଶାନ୍ତନୁ କୁମାର ମେହେର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜାମଟିକ୍ରା, ୨୫।୨ (ଡି.ଏନ.ଏ):** ଅତାବିରା ବ୍ଲକ ସିଲାଟ ପଞ୍ଚାୟତର ଗୌରଟିକ୍ରାରେ ତିନି ଦିନ ଧରି ଚାଲିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଶେଷ ହୋଇଛି। ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ଗଣେଶ ମେହେର। ଦାମୋଦର ଖଣ୍ଡା, କୁଳମଣୀ ମେହେର, ଭୋଜରାଜ ମେହେର, ଲକ୍ଷ୍ମଣ ମେହେର, ବୀର ରୋହିଦାସ, ଅଶ୍ୱିନୀ ଭାତପାହାର ଓ ଗୌରଟିକ୍ରା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କେସିଙ୍ଗା, ୨୫।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବିଡିଓ ଏବଂ ବ୍ଲକ ଅଧକ୍ଷା ସୁକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମମାନେ ଯୋଗଦେଇଥିଲେ। ଭବାନୀପାଟଣାରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ। ଭିନ୍ନକ୍ଷମମାନଙ୍କୁ ୩ ଚକିଆ ସାଇକେଲ ବିଡିଓ ଦ୍ୱାରା ବଣ୍ଟନ କରାଇଥିଲା। ଭିନ୍ନକ୍ଷମମାନେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଆବେଦନ କରିଥିଲେ ।

## ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରତିଷ୍ଠା

**ମଦନପୁର, ୨୫।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଗୁରୁବାର ମା'ଦକ୍ଷିଣ କାଳୀ ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ରତ୍ନମୁଦ ଆରମ୍ଭ କରି ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା ସକାଶେ ଅଙ୍କୁରରୋପଣ କରାଯାଇ ଯଜ୍ଞ କରାଯାଇଥିଲା। କାମନା ଦଣ୍ଡ କମିଟିର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ଯଜ୍ଞରେ କର୍ତ୍ତା ଭାବେ ଜଗନ୍ନାଥ ଦଣ୍ଡିଆ ସସ୍ତ୍ରୀକ ରହିଥିବାବେଳେ ପୂଜକ ଅନିରୁଦ୍ଧ ପାଢୀ ଓ ସହ ପୂଜକ ସୂର୍ଯ୍ୟମଣି ପଣ୍ଡା ରହିଥିଲେ। ପୂଜା ଦାୟିତ୍ୱ ହରିଶ୍ଚନ୍ଦ୍ର ବଗର୍ତ୍ତି ବହନ କରିଥିଲେ।

## ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୨୫।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଯୁବ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ଯୁବ କଂଗ୍ରେସ ସଭାପତି ସାହୁଲ ମଙ୍ଗରାଜଙ୍କ ସଭାପତିତ୍ୱରେ ଯୁବ କଂଗ୍ରେସ ପ୍ରଭାରୀ ଅଙ୍କିତ ସିଂଘାଇଙ୍କ ସଭାପତିତ୍ୱରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବିସ୍ତୃତ ଭାବେ ଅଲୋଚନା ହୋଇଥିଲା। ଯୁବନେତା ସାଗର ଚରଣ ଦାସ, ତ୍ରିଲୋଚନ ପାଣିଗ୍ରାହୀ, ମହମ୍ମଦ ସାହେବ ସାମିଲ ହୋଇଥିଲେ।

# ଆଗେ ଥଇଥାନ, ପରେ ଉଚ୍ଛେଦ କର

**ତରବୋଡ/ନୂଆପଡା ଅଫିସ, ୨୫।୨(ଡି.ଏନ.ଏ.)**


ବସ୍ତିବାସୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜାଗା ଖାଲି କରିବାକୁ ନୋଟିସ୍ ପରେ ତାତିଲେ ବସ୍ତିବାସୀ**

ନୂଆପଡା ସଦର ଏନଏସି ୱାର୍ଡ ନମ୍ବର ୫ର ମଦଭାଟି ପଛପଟେ ବନ୍ଧହିଡ ଉପରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ୨୫ରୁ ଅଧିକ ପରିବାର ସରକାରୀ ଜମିରେ ଘର କରି ରହି ଆସୁଛନ୍ତି। ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପରିବାରକୁ ୨୪ଘଣ୍ଟା ମଧ୍ୟରେ ଘର ଖାଲି କରିବା ପାଇଁ ନୋଟିସ କରିଥିଲେ। ଏହାର ପ୍ରତିବାଦରେ ପଡାର ମହିଳାମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ କରିଥିଲେ। ପ୍ରଥମେ ଘର ଡିହ ଓ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଅ ତାପରେ ଆମକୁ ଉଚ୍ଛେଦ କର। ନ ହେଲେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଆତ୍ମହତ୍ୟା କରିବୁ। ହାତରେ ପେଟ୍ରୋଲ ଧରି ବିକ୍ଷୋଭ କରି ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବନ୍ଧହିଡରେ ପୁରୁଷାନୁକ୍ରମେ ଘର କରି ରହିଆସୁଛୁ ଏବେ ୨୪ଘଣ୍ଟାରେ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତର ହେବା ସହଜ ନୁହେଁ। ଏହାକୁ ବିରୋଧ କରି ମହିଳାମାନେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଧାନ ଓ ତହସିଲଦାର ଦେବେନ୍ଦ୍ର ରାଉତ ବିକ୍ଷୋଭସ୍ଥଳକୁ ଆସି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ଖୁବଶୀଘ୍ର ଭୂମିହିନମାନଙ୍କୁ ୪ ଡେସମିଲ ଘରଡିହ ପ୍ରଦାନ କରାଯିବ ଓ ପରେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ବିକ୍ଷୋଭରୁ ଓହରିଥିଲେ। ଜିଲା ପ୍ରଶାସନ ଅବହେଳା କଲେ ଆନ୍ଦୋଳନକୁ ଓହ୍ଲାଇ ରାସ୍ତା ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢୀ, ଗରିବ ସେନା ସଭାପତି ରବି ମଙ୍ଗରାଜ, ସାମାଜିକ କର୍ମୀ ରୋହିତ ସାହୁ, ହିତେଶ ସାହୁ, ନିର୍ମଳ ରାଉତ, ତାରା ସିଂ, ବିରୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରେ ଆରମ୍ଭ ହେଲା ବଳରାମ ଯୋଜନା



ମନାପଡ଼ା ଗ୍ରାମର ମହାଲକ୍ଷ୍ମୀ ଯୁଗ୍ମଦେୟ ଗୋଷ୍ଠୀକୁ କୃଷିଋଣ ପ୍ରଦାନ କରି ବଳରାମ ଯୋଜନାର ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍, ୨୫।୨**

ରାଜ୍ୟ ସରକାରଙ୍କ ବଳରାମ ଯୋଜନା ଗୁରୁବାର ବରଗଡ଼ ଜିଲାରେ ଆରମ୍ଭ ହୋଇଛି। ଏହି ଅବସରରେ ଅତାବିରାରେ ରହିଥିବା ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଶାଖାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ଅତାବିରା ବ୍ଲକ ଅନ୍ତର୍ଗତ ମନାପଡ଼ା ଗ୍ରାମର ମହାଲକ୍ଷ୍ମୀ ଯୁଗ୍ମଦେୟ ଗୋଷ୍ଠୀକୁ ୧ଲକ୍ଷ ୬୦ହଜାର ଟଙ୍କାର କୃଷିଋଣ ପ୍ରଦାନ କରି ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ ଗୋଷ୍ଠୀରେ ୫ଜଣ ଭୂମିହୀନ ଭାଗଚାଷୀ କୃଷ୍ଣଚନ୍ଦ୍ର ସାହୁ, ଅଜିତ କଠାର, ସନ୍ତୋଷ ବାଗ, ବୃନ୍ଦାବନ ଗୁରୁ ଏବଂ ଗୋବିନ୍ଦ ଗୁରୁ ସଭ୍ୟଭାବେ ରହିଥିବା ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଟଲି କୃଷି ଅଧିକାରୀ ସୋମନାଥ ରଣା, ଅତାବିରା ବ୍ଲକ କୃଷି ଅଧିକାରୀ ବିଜୟ କୁମାର ପଟ୍ଟନାୟକ, ବଳରାମ ଯୋଜନାର ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ସହକାରୀ କୃଷି ଅଧିକାରୀ ମାମିନୀ ଭୋଇ, ପ୍ରମୋଦିନୀ ପ୍ରଧାନ, ସମବାୟ ବ୍ୟାଙ୍କ ମ୍ୟାନେଜର ବୈଲୋଚନ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ନିଲମବାଇ ଅଗ୍ରୱାଲ, ସମବାୟ ସମ୍ପ୍ରସାରଣ ଅଧିକାରୀ ସରୋଜ ମେହେର, ଅତାବିରା ସମବାୟ ସମିତି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁନଃ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୫।୨**



ପୁନଃ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଇସିଟି ସ୍କୁଲ ସଂଯୋଜକ ।

ପୁନଃ ନିଯୁକ୍ତି ଦାବିରେ ଗୁରୁବାର ବରଗଡ଼ ଜଲା ଆଇସିଟି(ଇନଫର୍ମେଶନ ଆଣ୍ଡ୍ କମ୍ୟୁନିକେଶନ ଟେକ୍ନୋଲୋଜି) ସ୍କୁଲ ସଂଯୋଜକ ସଂଘ ଜିଲାପାଳ ଅଫିସ ଆଗରେ ଧାରଣା ଦେଇଥିଲା। ପରେ ୫ଦଫା ଦାବି ନେଇ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏଥି ଉଲ୍ଲେଖ ରହିଛି ଯେ, ସଂଘର ସମସ୍ତ ସଭ୍ୟମାନେ ୫ବର୍ଷ ଧରି ଆଇସିଟି ସ୍କୁଲ ସଂଯୋଜକଭାବେ ଅଳ୍ପ ବେତନରେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରି ଆସୁଥିଲେ। ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ତଥା କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଥିବା ଯୋଗୁ ସେମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସଂଘ ଦାବ କରିଛି। ସମସ୍ତ ଆଇସିଟି ସ୍କୁଲ ସଂଯୋଜକମାନଙ୍କୁ କୌଣସି ଘରୋଇ ସଂସ୍ଥା ହାତକୁ ଠେଲି ନ ଦେଇ ସରକାରୀସ୍ତରରେ ନିଯୁକ୍ତି, ଆଇସଟି ଇ-ବିଦ୍ୟାଳୟ ଯୋଜନା ସରକାରଙ୍କ ଶିକ୍ଷା ବିଭାଗ ଅଧିନରେ ପରିଚାଳିତ ହେବା, ଉଚ୍ଚ ବିଦ୍ୟାଳୟର ପାଠ୍ୟକ୍ରମରେ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତମୂଳକ କରାଯିବା ଏବଂ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇସିଟି ଇ-ଶିକ୍ଷା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସଂଘ ସଭାପତି ଯୋଗେଶ୍ୱର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଶ୍ରୀମନ୍ତ ସାହୁ, ଉପସଭାପତି ମନିଷ ଶର୍ମା, ସ୍ୱସ୍ତିକା ବହିଦାର, ଜାହ୍ନବୀ ଲୁହା ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ଧାନ ନ ଉଠିବା ନେଇ ଚାଷୀଙ୍କ ରାସ୍ତାରୋକୋ

**ତରଭା,୨୫।୨(ଡି.ଏନ.ଏ.)**

ତରଭା ବ୍ଲକ କୁମ୍ଭାରମୁଣ୍ଡା ଉପମଣ୍ଡିରେ କେତେକ ଚାଷୀଙ୍କ ଟୋକନ ସମସ୍ୟା ପାଇଁ ଧାନ ଉଠି ପାରୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ସଂପୃକ୍ତ ଚାଷୀମାନେ ଚାରଭଟା-ତରଭା ରାସ୍ତାର କୁମ୍ଭାରମୁଣ୍ଡା ପଞ୍ଚାୟତ ଅଫିସ ସମ୍ମୁଖରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ବିଡିଓ ସୁଶ୍ରୀ ଚିନ୍ମୟୀ କହଁର, ତହସିଲଦାର ତ୍ରିପୁରା ମହାନନ୍ଦ, ଅତିରିକ୍ତ ତହସିଲଦାର ସୁଶ୍ରୀ ଚାନ୍ଦିନୀ ମେହେର, ଡୋଳାମଣୀ ଭୋଇ, କମସରା ଫାଣ୍ଡି ଅଧିକାରୀ ଅରକ୍ଷୀତ ମାଝୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୁଧାର ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ମୁଚରାମ ମେଣ୍ଡଲୀ, ରାଜକିଶୋର ମେଣ୍ଡଲୀ, ବାବୁଲୁ ମିଶ୍ର, ବାଲଗୋପାଲ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜବରଦଖଲ ଉଚ୍ଛେଦ ଦାବିରେ ବିକ୍ଷୋଭ


ତହସିଲ ଅଫିସ ସମ୍ମୁଖରେ ପଡାବାସୀ ଧାରଣା ଦେଇଛନ୍ତି।

**କଣ୍ଟାବାଞ୍ଜି, ୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିର ୱାର୍ଡ ନଂ. ୧୨ ଓ ୧୩ ସିଂଗାଲପଡାରେ ଥିବା ସରକାରୀ ପୋଖରୀକୁ କେତେକ ବ୍ୟକ୍ତି ଜବରଦଖଲ କରି ଘରଦ୍ୱାର ନିର୍ମାଣ କରୁଛନ୍ତି। ଏଥିଯୋଗୁ ଜଳାଶୟ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଜବରଦଖଲ ଉଚ୍ଛେଦ ଦାବି କରି ଗୁରୁବାର ଦୁଇ ପଡାର ଜନସାଧାରଣ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜବରଦଖଲ ଉଛେଦ ପାଇଁ ପଡାବାସୀ ଗତ ବୁଧବାର ତହସିଲଦାର ଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ। ଏହା ପରେ ଜବରଦଖଲକାରୀ ଦୁଇ ପଡାବାସୀଙ୍କ ସହ ଗଣ୍ଡଗୋଳ କରିବାରୁ ମାମଲା ଥାନା ଯାଏ ଯାଇଥିଲା । ପୋଖରୀର ଡିମାରକେସନ କରି ସର୍ବସାଧାରଣ ବ୍ୟବହାର ପାଇଁ ସଂରକ୍ଷିତ ରଖିବା ନେଇ ଦୁଇ ପଡାର ଶତାଧିକ ମହିଳା ପୁରୁଷ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ କରିଛନ୍ତି। କଣ୍ଟାବାଞ୍ଜି ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ତହସିଲଦାର ଅଶୋକ କୁମାର ମାଝି ଘଟଣାରେ ହସ୍ତକ୍ଷେପ କରି ଜମି ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀ ହଟିଥିଲେ । ଏହି ବିକ୍ଷୋଭରେ ବିଷ୍ଣୁ ପ୍ରସାଦ ବେହେରା, ହରିବନ୍ଧୁ ସିପକା, ସୁଧୀର ବେହେରା, ଜିତୁ ବେହେରା, ଅକମ୍ବର ବେହେରା, ଲାଲ ବାଗ, ଜଗତରାମ ତାଣ୍ଡି ପ୍ରମୁଖ ସାମିଲ ଥିଲେ।

# ସ୍ମାର୍ଟ ସ୍କୁଲ ପାଇଁ ଭିତ୍ତିଭୂମି ତଦାରଖ କଲେ ଜିଲାପାଳ

**କର୍ଲାମୁଣ୍ଡା/ରିଷିଡା, ୨୫।୨ (ଡି.ଏନ.ଏ.)**


ବୈଠକରେ ଜିଲାପାଳ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲାର ବିଭିନ୍ନ ହାଇସ୍କୁଲକୁ ନବକଳେବର କରି ସ୍ମାର୍ଟ ସ୍କୁଲ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସ୍ମାର୍ଟ ସ୍କୁଲ ତାଲିକାରେ କର୍ଲାମୁଣ୍ଡା ବ୍ଲକର ସର୍ବପୁରାତନ ରିଷିଡାର ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଓ ଗଜବାହାଲସ୍ଥିତ ପୁରୁଷୋତ୍ତମ ହାଇସ୍କୁଲ ସ୍ଥାନ ପାଇଛି। ଏହାର ଭିତ୍ତିଭୂମି ଓ ଆନୁସାଙ୍ଗିକ ବ୍ୟବସ୍ଥାର ତଦାରଖ କରିବା ପାଇଁ ଗୁରୁବାର ଜିଲାପାଳ ବିଦ୍ୟାଳୟକୁ ଆସି ସମସ୍ତସ୍ଥିତି ଅନୁଧାନ କରିଛନ୍ତି। ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ସହ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୌପଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଷାନ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ପ୍ରମୁଖ ବିଦ୍ୟାଳୟର ଲାଇବ୍ରେରି, ବିଜ୍ଞାନ ଲ୍ୟାପ, ସ୍ମାର୍ଟ କ୍ଲାସ ଆଦି ନିରୀକ୍ଷଣ କରିବା ପରେ ବୈଠକରେ ଏହାର ସମୀକ୍ଷା କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କଳ୍ପନା ବିଶାଲ, ବ୍ଲକ ଅଧ୍ୟକ୍ଷ ଅରବିନ୍ଦ ଚୌଧୁରୀ, ଜିଲା ପରିଷଦ ସଭ୍ୟା ପ୍ରଭାତୀ ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଧାମୋହନ ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, କନିଷ୍ଠ ଯନ୍ତ୍ରୀ ଶିଶିର ଶବର, ନାଏବ ସରପଞ୍ଚ କୈଳାସ ପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷୀରସିନ୍ଧୁ ରଣା, ଜିଆରଏସ ଗଜାନନ ଗହୀରଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ଉନ୍ନୟନ କମିଟି ସଦସ୍ୟାସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବ୍ଲକର ଗଜବାହାଲସ୍ଥିତ ପୁରୁଷୋତ୍ତମ ହାଇସ୍କୁଲ ମଧ୍ୟ ସ୍ମାର୍ଟ ସ୍କୁଲ ଭାବେ ନିଆଯାଇଥିବାରୁ ଜିଲାପାଳ ଉକ୍ତ ସ୍କୁଲ ଗସ୍ତ କରିଥିଲେ।

# ବାହାଘରେ ଆୟୋଜିତ ହେଲା ରକ୍ତଦାନ ଶିବିର

**ଦେଓଗାଁ,୨୫।୨(ଡି.ଏନ.ଏ.)**

ରକ୍ତଦାନ ମହତ ଦାନ। ଅନ୍ୟର ଜୀବନ ବଞ୍ଚାଇବା ପାଇଁ ରକ୍ତର ଆବଶ୍ୟକତା ଉପରେ ସଚେତନ ପାଇଁ ଏକ ନବଦମ୍ପତି ନିଜ ବାହାଘରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରାଏପାଲିରେ ଦିବଂଗତ ଶ୍ରମିକ ନେତା ଲଳିତ ନାୟକଙ୍କ ସ୍ମୃତିରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ସହାୟତାରେ ଗୁରୁବାର ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୨୧ ରକ୍ତଦାତା ରକ୍ତଦାନ କରିଥିଲେ। ଗାଁର ସଞ୍ଜୟ କୁମାର ମିଶ୍ର ଓ ରାନୀ ମିଶ୍ରଙ୍କ ବିବାହ ଅବସରରେ ଆୟୋଜିତ ଶିବିରକୁ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ଜିଲା ସଭାପତି ସୋମନାଥ ମିଶ୍ର ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ୨୧ ରକ୍ତଦାତାଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିକୁ ଷଡଙ୍ଗୀ, ସୁନ୍ଦର ସାହୁ ଓ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ଦେଓଗାଁ ଶାଖାର ସମସ୍ତ କର୍ମକର୍ତ୍ତା ଓ ବଲାଙ୍ଗୀର ରକ୍ତଭଣ୍ଡାର ମୋବାଇଲ ୟୁନିଟ ଟିମ୍ ସହଯୋଗ କରିଥିଲେ।


ଶିବିରରେ ଜଣେ ମହିଳା ରକ୍ତଦାତାଙ୍କୁ ସମ୍ମାନିତ କରାଯାଉଛି।

# ଜିଲା ପରିଷଦ ଆସନ ବଜାୟ ରଖିଲା ବିଜେଡି

**ତରବୋଡ/ନୂଆପଡା ଅଫିସ/ ଖଡିଆଲ, ୨୫।୨ (ଡି.ଏନ.ଏ.)**


ବିଜୟ ପରେ କର୍ମୀମାନେ ଖୁସି ମନାଉଛନ୍ତି।

**ଉପନିର୍ବାଚନ ଫଳ**

ନୂଆପଡା ଜିଲାର ୩ଟି ବ୍ଲକରେ ଜିଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ପାଇଁ ହୋଇଥିବା ଉପନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। କୋମନା ବ୍ଲକ ଜିଲା ପରିଷଦ ଜୋନ ୨ପାଇଁ ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଅବନୀ ରଞ୍ଜନ ଯୋଶୀ ବିଜୟୀ ହୋଇଛନ୍ତି। ଯୋଶୀ ୧୬,୦୧୭ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ଗୌରୀଶଙ୍କର ପଣ୍ଡା ୫,୩୯୩ ଓ କଂଗ୍ରେସ ପ୍ରାର୍ଥୀ କାଞ୍ଚନ ଶବର ୨,୪୦୯ ଭୋଟ ପାଇଛନ୍ତି। ୬୮୨ ଖଣ୍ଡ ଭୋଟ ନାକଚ ହୋଇଛି। ଗତ ତ୍ରିସ୍ତରୀୟ ନିର୍ବାଚନରେ ଉକ୍ତ ଏହି ଜୋନରେ ବିଜେଡି ପ୍ରାର୍ଥୀ ରାମ ନରେଶ ଅହୀର ବିଜୟୀ ହୋଇଥିଲେ। ତାଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଥିଲା। ଦଳ ଏହି ଆସନ ବଜାୟ ରଖିଥିବାରୁ ଦଳୀୟ ମହଲରେ ଖୁସିର ଲହରୀ ଖେଳିଯାଇଛି।

ସେହିପରି ସିନାପାଲି ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ପଦ ପାଇଁ ୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ସୀତାରାମ ମେହେର ବିଜୟୀ ହୋଇଛନ୍ତି । ସୀତାରାମ ୧,୧୧୬ ଖଣ୍ଡ ଭୋଟ ପାଇଥିବା ବେଳେ ବଳରାମ ମେହେର ୧,୦୬୨ ଏବଂ କୈଳାସ ସା ମାତ୍ର ୨୩ ଖଣ୍ଡ ଭୋଟ ପାଇଛନ୍ତି। ଖଡିଆଲ ବ୍ଲକ ରାନିମୁଣ୍ଡା ସମିତି ସଭ୍ୟ ପାଇଁ ୨ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଥିବା ବେଳେ ଚିତମନ ମାଝି ବିଜୟୀ ହୋଇଛନ୍ତି। ଚିତମନ ୧,୭୪୮ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଜୟ ଧରୁଆ ୬୯୩ ଖଣ୍ଡ ଭୋଟ ପାଇଛନ୍ତି। ୧୪୩ ଖଣ୍ଡ ଭୋଟ ନାକଚ ହୋଇଛି । କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦବିତା କରୁଥିବାବେଳେ ନଳିନୀ ଭୋଇ ବିଜୟୀ ହୋଇଛନ୍ତି। ନଳିନୀ ୧,୧୯୧ ଖଣ୍ଡ ଭୋଟ ପାଇଥିବା ବେଳେ ସୋମୁନାଥ ସାହୁ ୩୨୪ ଖଣ୍ଡ ଭୋଟ ପାଇଛନ୍ତି। ୧୭୬ ଖଣ୍ଡ ଭୋଟ ନାକଚ ହୋଇଥିବା ଜିଲା ପଞ୍ଚାୟତ ଅଧିକରୀ ବିବେକାନନ୍ଦ ମହାନନ୍ଦଙ୍କ ସୂତ୍ରରୁ ପ୍ରକାଶ। ବୁଧବାର ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିଲା।

## ପଞ୍ଚାନନ ସରପଞ୍ଚ ଭାବେ ନିର୍ବାଚିତ

**ଜୁନାଗଡ, ୨୫।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରିଗୁଡା ପଞ୍ଚାୟତରେ ବୁଧବାର ଅନୁଷ୍ଠିତ ଉପନିର୍ବାଚନ ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଭଇଁରିଗୁଡାର ନୂତନ ସରପଞ୍ଚ ଭାବେ କୋଭିଡ୍ ଯୋଦ୍ଧା ସ୍ୱର୍ଗତ ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ପୁଅ ପଞ୍ଚାନନ ପାତ୍ର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବରାଜ ବାଣୁଆଙ୍କୁ ୧୦୧୮ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ପଞ୍ଚାନନ ୧୬୧୬ ଖଣ୍ଡ ଭୋଟ ପାଇଥିବାବେଳେ ଦେବରାଜ ୫୯୮ଖଣ୍ଡ ଭୋଟ ପାଇଛନ୍ତି। ୫୪ଟି ଭୋଟ ନାକଚ ହୋଇଥିଲା। ଏହା ଭଇଁରିଗୁଡା ପଞ୍ଚାୟତବାସୀଙ୍କ ବିଜୟ, ବାପାଙ୍କ ଅଧୁରା ସ୍ୱପ୍ନକୁ ପୁରଣ କରିବି ବୋଲି ନୂତନ ସରପଞ୍ଚ ପଞ୍ଚାନନ କହିଛନ୍ତି। ଗୁରୁବାର ସକାଳ ୮ଟାରୁ ୧୧ଟା ଯାଏ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ବିଡିଓ ଦୁଲାରାମ ମାରାଣ୍ଡି, ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ବେଦବ୍ୟାସ ଭୋଇ, ଜିପିଓ ରାଜେନ୍ଦ୍ର ଭୋଇ, ଡବ୍ଲୁଇଓ ସୁମନ୍ତ କୁମାର ମାଝି, ବିଏସଏସଓ ତୁଷାର ରଞ୍ଜନ ସାହୁଙ୍କ ସମେତ ୧୧ଜଣ ପ୍ରିଜାଡିଂ ଅଫିସର ଦାୟିତ୍ୱ ତୁଲାଇଥିଲେ। ସରପଞ୍ଚ ନିର୍ବାଚିତ ପଞ୍ଚାନନଙ୍କୁ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା।